ସକାଳ
THE SAKALA



# ମୋବାଇଲ ଟାୱାର ଚୋରି ଗ୍ୟାଙ୍ଗ୍‌ର ୪ ଗିରଫ

**ବାରିପଦା, ୧୦ ।୧(ସମିସ)**

ବାରିପଦା ସହରରୁ ମୋବାଇଲ ଟାୱାର ଚୋରି କରୁଥିବା ବେଳେ ଦୁର୍ଦ୍ଦାନ୍ତ ଟାୱାର ଚୋର ଗ୍ୟାଙ୍ଗ ପୁଲିସ ହାତରେ ଧରାପଡ଼ିଛନ୍ତି। ପୁଲିସ ଗ୍ୟାଙ୍ଗର ୪ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବାରିପଦା ଟାଉନ ଥାନା ଅନ୍ତର୍ଗତ ତୁଳସୀଚଉରା ଅଞ୍ଚଳର ଫିରୋଜ ଖାନ (୩୬), ବୈଶିଙ୍ଗା ଥାନା ଅନ୍ତର୍ଗତ ଗୋବିନ୍ଦପୁର ଜଙ୍ଗରୀ ଅଞ୍ଚଳର ସେକ୍ ଜେଫୁଦ୍ଦିନ (୨୫) ଓ ସେକ ସପୁରୁଦ୍ଦିନ ଏବଂ ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ଜଙ୍ଗରୀ ଅଞ୍ଚଳର ଅବଦୁଲ ସତାର (୩୨) । ତେବେ ବୟସାଧିକ୍ୟ କାରଣରୁ ଜାଗା ମାଲିକଙ୍କୁ ନୋଟିସ ଜାରି କରାଯାଇଛି । ପାଲବଣି ଅଞ୍ଚଳର ଗୀତାରାଣୀ ପଣ୍ଡାଙ୍କ ଘରେ ଜିଟିଏଲ ଇନଫ୍ରାକଷ୍ଟ୍ରାକ୍‌ଚର କମ୍ପାନୀ ଜାଗା ଲିଜ୍ ନେଇ ଏକ ଟେଲିଫୋନ ଟାୱାର ବସାଇଥିଲା। ଏ ନେଇ ମାସିକ ଭଡ଼ା ସୂତ୍ରରେ ଟଙ୍କା ପ୍ରଦାନ କରିଥିଲେ। ତେବେ ଗତ ୨୦୧୮ରେ ଉକ୍ତ ଟାୱାର ସେବା ବନ୍ଦ ହେବାରୁ କାର୍ଯ୍ୟକ୍ଷମ ନ ହୋଇ ପଡ଼ି ରହିଥିଲା । ଯାହାକୁ କମ୍ପାନୀ ମଧ୍ୟ ଦୃଷ୍ଟି ଦେଇ ନ ଥିଲା । ଉକ୍ତ କମ୍ପାନୀରେ ପୂର୍ବରୁ କାର୍ଯ୍ୟ କରୁଥିବା ଜଣେ କର୍ମଚାରୀ ଏ ବାବଦରେ ଜାଣିଥିଲେ। କେଉଁଠାରେ ଟାୱାର ବନ୍ଦ ହୋଇ ପଡ଼ିରହିଛି ଜାଣିଥିବାରୁ ଏକ ଗ୍ୟାଙ୍ଗ କରି ଚୋରି କରି ବିକିବା ଆରମ୍ଭ କରିଥିଲେ। ତେବେ ଯୋଜନା କରି ଗ୍ୟାଙ୍ଗ ସଦସ୍ୟମାନେ ଉକ୍ତ ମୋବାଇଲ ଟାୱାର ଚୋରି କରିଥିଲେ। କମ୍ପାନୀର ବିନା ଅନୁମତିରେ ଟାୱାରର ଯନ୍ତ୍ରାଂଶ ଓ ଲୁହା ସବୁ ଖୋଲାଯାଇଥିବା ନେଇ କମ୍ପାନୀ ଜାଣିବାକୁ ପାଇଥିଲେ। ଏହାକୁ ନେଇ କମ୍ପାନୀର ଦାୟିତ୍ୱରେ ଥିବା କର୍ମଚାରୀ ଆଲୋକ କୁମାର ସାହୁ ଯାଞ୍ଚ ବେଳେ ଟାୱାର ନାହିଁ ଜାଣିବାକୁ ପାଇଥିଲେ। ଏହାକୁ କମ୍ପାନୀ ନିର୍ଦ୍ଦେଶକ୍ରମେ ଆଲୋକ ଏବଂ କମ୍ପାନୀର ଆଇନଜୀବୀ ଦେବାଶିଷ ପଣ୍ଡା ଘଟଣା ସମ୍ପର୍କରେ ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଉକ୍ତ ଘଟଣାରେ ଜାଗା ମାଲିକଙ୍କ ସମ୍ପୃକ୍ତି ଥିବା ନେଇ ଆଇନଜୀବୀ ଶ୍ରୀ ପଣ୍ଡା ପ୍ରକାଶ କରିଥିଲେ। ତେବେ ତଦନ୍ତ କରି ପୁଲିସ ଗ୍ୟାଙ୍ଗର ୪ ଜଣଙ୍କୁ ଗିରଫ କରିଛି। ତେବେ ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ଫେରାର ରହିଛି। ଏମାନେ ପୂର୍ବରୁ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଜିଲ୍ଲାରେ ମୋବାଇଲ ଟାୱାର ଚୋରି ଘଟଣାରେ ଗିରଫ ହୋଇଥିବା ବେଳେ ବିଭିନ୍ନ ଥାନାରେ ଅଭିଯୋଗ ରହିଛି। ବାରିପଦା ଟାଉନ ଥାନା ପୁଲିସ ୪ଜଣ ଅଭିଯୁକ୍ତଙ୍କୁ ପଚରାଉଚୁରା କରୁଛି ।

**ମୁଖ୍ୟ ଅଭିଯୁକ୍ତ ଫେରାର**



# ଅତିରିକ୍ତ ସେସନ୍ସ ବିଚାରପତିଙ୍କ ଅଦାଲତ କାର୍ଯ୍ୟାଳୟ ଉଦ୍‌ଘାଟିତ



**ଉଦଳା, ୧୦।୧(ସମିସ):** ଉଦଳାଠାରେ ଶୁକ୍ରବାର ଅତିରିକ୍ତ ଜିଲ୍ଲା ସେସନ୍ ବିଚାରପତିଙ୍କ ଅଦାଲତ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଆଇନ ବିଭାଗ ଦ୍ୱାରା ନବନିର୍ମିତ ଅଦାଲତ କାର୍ଯ୍ୟାଳୟ ଗୃହ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂହଙ୍କ କରକମଳରେ ଆଭାସୀ ମାଧମରେ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନ କାର୍ଯ୍ୟକ୍ରମରେ ନିବନ୍ଧକ (ସାଧାରଣ) ଉଚ୍ଚ ନ୍ୟାୟାଳୟ, ଅଶାନ୍ତ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟ ଅତିଥି ଭାବେ ନିବନ୍ଧକ (ପ୍ରଶାସନିକ) ଉଚ୍ଚ ନ୍ୟାୟାଳୟ ଓଡ଼ିଶା ଆଇନ ବିଭାଗ ଅଦାଲତ ବିଜ୍ଞପ୍ତ ୨୨ ଜୁଲାଇ ୨୦୨୪ ପାଠ କରିଥିଲେ। ବିଚାରପତି ବିରଜା ପ୍ରସନ୍ନ ଶତପଥୀ ଉଦଳା ଅଦାଲତ ପରିସରରେ ଅଭିଭାଷଣ ପ୍ରଦାନ କରିଥିଲେ। ଶେଷରେ ଉଚ୍ଚ ନ୍ୟାୟାଳୟ ଓଡ଼ିଶାର ମୁଖ୍ୟ ବିଚାରପତି ଅଭିଭାଷଣ ରଖିବା ପରେ ନିବନ୍ଧକ (ଭିଜିଲାନ୍ସ) ଉଚ୍ଚ ନ୍ୟାୟାଳୟ, ପ୍ରଦ୍ୟୁମ୍ନ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରେ ଏ.ଡ଼ି.ଜେ. କ କାର୍ଯ୍ୟାଳୟ ଫଳକକୁ ବିଚାରପତି ଶ୍ରୀ ଶତପଥୀ ଉନ୍ମୋଚନ କରିଥିଲେ। ପରେ ଶ୍ରୀ ଶତପଥୀ ଏବଂ ଉପସ୍ଥିତ ଅନ୍ୟାନ୍ୟ ଅତିଥି ଏ.ଡ଼ି.ଜେ. କାଯ୍ୟାଳୟ ପରିଦର୍ଶନ କରିବା ପରେ ଅଦାଲତ ପରିସରରେ ନବନିର୍ମିତ ପାର୍କକୁ ଉଦ୍‌ଘାଟନ କରିଥିଲେ। ଉପରୋକ୍ତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ସେସନ୍ସ ଜଜ୍ ଅରବିନ୍ଦ ପଟ୍ଟନାୟକ, ସଭାପତି ଓକିଲ ସଂଘ ଲମ୍ବୋଦର ବେହେରା, ସଭାପତି ଉପଖଣ୍ଡ ଓକିଲ ସଂଘ ପଦ୍ମଲୋଚନ ଦାସ ମଞ୍ଚାସୀନ ଥିଲେ । ଅନ୍ୟାନ୍ୟ ମାନ୍ୟଗଣ୍ୟ ଅତିଥି ଭାବେ ଜିଲ୍ଲାପାଳ ମୟୂରଭଞ୍ଜ ହେମକାନ୍ତ ସଏ, ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲି, ଉପଜିଲ୍ଲାପାଳ, କପ୍ତିପଦା ସୁଶାନ୍ତ କୁମାର ବାରିକ ପ୍ରମୁଖ ଯୋଗଦେଇଥିଲେ। ସିଭିଲ ଜଜ୍ ସିନିୟର ଡ଼ିଭିଜନ, ଉଦଳା ଅରୁଣ ପଟ୍ଟନାୟକ, ଏସ୍.ଡ଼ି.ଜେ.ଏମ୍. ଅନୁରାଗ ଦେହୁରୀ, ଉପଖଣ୍ଡର ଦୁଇ ଓକିଲ ସଂଘର ସମ୍ପାଦକ ବସନ୍ତ କୁମାର ପରିଡ଼ା ଏବଂ ରଜତ୍ କୁମାର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ରାଜସ୍ଥାନରୁ ଘରକୁ ଫେରୁଥିବାବେଳେ ଷ୍ଟେସନରେ କଟିଗଲା ଶ୍ରମିକଙ୍କ ଗୋଡ଼

**ମୋରଡ଼ା, ୧୦।୧(ସମିସ):** ମୋରଡ଼ା ବ୍ଲକ ଅନ୍ତର୍ଗତ କୋହି ପଞ୍ଚାୟତରୁ ବର୍ଷତମାମ ଦାଦନ ଶ୍ରମିକଙ୍କ ମୃତ୍ୟୁ ଖବର ଶୁଣିବାକୁ ମିଳୁଥିବାବେଳେ ପୁଣି ଜଣେ ଦାଦନଙ୍କ ଦୁଃଖ ସାମ୍ନାକୁ ଆସିଛି। ଜଣେ ଶ୍ରମିକ ଘରକୁ ଫେରୁଥିବାବେଳେ ରେଳ ଷ୍ଟେସନରେ ତାଙ୍କର ଗୋଡ଼ କଟି ଯାଇଛି। ଫଳରେ ତାଙ୍କୁ ଆଣିବା ପାଇଁ ସରକାରଙ୍କୁ ନିବେଦନ କରିଛନ୍ତି ପରିବାର । ଶ୍ରମିକ ଜଣକ ହେଲେ ମୋରଡ଼ା ଥାନା ଅନ୍ତର୍ଗତ କୋହି ଗ୍ରାମପଞ୍ଚାୟତ ହାଣ୍ଡିଭଙ୍ଗା ଗ୍ରାମର ରଣଜିତ ପାଟବନ୍ଧା । ସେ ରାଜସ୍ଥାନର ଏକ ଘରୋଇ କମ୍ପାନୀକୁ କାମ କରିବା ପାଇଁ ଯାଇଥିଲେ। ସେ ଡିସେମ୍ବର ୩୧ତାରିଖରେ ଘରକୁ ଫେରୁଥିବାବେଳେ ନଖା ରେଳ ଷ୍ଟେସନରେ କୌଣସି କାରଣ ବଶତଃ ତାଙ୍କର ବାମ ଗୋଡ ଟି କଟିଯାଇଛି । ସେଠାକାର ପୁଲିସ ତାଙ୍କୁ ଉଦ୍ଧାର କରି ବ୍ରିଟାନିର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଶନିବାର ତାଙ୍କୁ ସେଠାରୁ ଡିସଚାର୍ଜ କରିବେ ବୋଲି କହିବାରୁ ସେମାନେ ବହୁତ ଗରିବ ଶ୍ରେଣୀର ଲୋକ ହେଇଥିବାରୁ ତାଙ୍କୁ ସେଠାରୁ ଆଣିବା ପାଇଁ ତାଙ୍କ ବଡପୁଅ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ନିବେଦନ କରିଛନ୍ତି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ମୋରଡା, ୧୦ ।୧(ସମିସ):** ମୋରଡା ଥାନା ଅଞ୍ଚଳରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ଜବତ କରିଛି ପୁଲିସ। ମୃତ ମହିଳା ଜଣକ ହେଲେ ରାସଗୋବିନ୍ଦପୁର ଥାନା ଅଧୀନ ମୃଷାମାରୀ ଗ୍ରାମର ହେମଲତା ହେମ୍ବ୍ରମ। ହେମଲତା ମୃଷାମାରୀ ଗ୍ରାମରେ ବିବାହ କରିଥିବା ବେଳେ କୌଣସି କାରଣକୁ ନେଇ ଦୀର୍ଘ ବର୍ଷ ହେବ ସ୍ୱାମୀଙ୍କଠାରୁ ଅଲଗା ରହିଥିଲେ। ବାପଘର ଗାଁ ତଥା ଝିଙ୍କିରିଆ ଗ୍ରାମରେ ଏକ ଘର କରି ନିଜର ଆଠ ବର୍ଷର ପୁଅ ସହିତ ରହି ଆସୁଥିଲେ। ତେବେ ଆଜି ସନ୍ଧ୍ୟାରେ ହେମଲତାଙ୍କ ମୃତଦେହ ତାଙ୍କ ଘରେ ଝୁଲୁଥିବା ଦେଖି ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ। ପରେ ପୁଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ଘଟଣାର ତଦନ୍ତ ଜାରି ରଖିଛି।

## ଦୁଇ ମାସ ପରେ ପାରାଦୀପରୁ ଅଭିଯୁକ୍ତ ଗିରଫ

**ରାଇରଙ୍ଗପୁର/ତିରିଂ, ୧୦ ।୧(ସମିସ):** ତିରିଂ ଥାନା ଅଞ୍ଚଳରେ ଗତବର୍ଷ ନଭେମ୍ବର ମାସରେ ଘଟିଥିବା ହତ୍ୟାକାଣ୍ଡରେ ଫେରାର ଥିବା ଜଣେ ହତ୍ୟା ଅଭିଯୁକ୍ତଙ୍କୁ ତିରିଂ ପୁଲିସ ପାରାଦୀପରୁ ଗିରଫ କରିଛି। ସୂଚନା ଅନୁସାରେ, ତିରିଂ ଥାନା ଅଞ୍ଚଳ ଜଂଘିଆ ଗାଁର କେଦାର ଗଡ଼ସରା(୬୫) ଗତ ବର୍ଷ ନଭେମ୍ବର ୧୪ରେ ବିଲକୁ ଧାନ କାଟିବା ପାଇଁ ଯାଇଥିଲେ; ହେଲେ ସେ ଘରକୁ ଫେରି ନ ଥିଲେ। ୨୦୨୪ ନଭେମ୍ବର ୧୫ରେ ତାଙ୍କ ପତ୍ନୀ ସୁଦ୍ରା ଗଡ଼ସରା ନିଜ ସ୍ୱାମୀଙ୍କ ରକ୍ତାକ୍ତ ମୃତଦେହ ବିଲରେ ପଡ଼ିଥିବା ଦେଖି ପ୍ରଥମେ ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ପୁଲିସ ମୃତଦେହକୁ ଜବତ କରିଥିଲା। କେଦାରଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଥିବା ଜଣାପଡ଼ିଥିଲା । ଏହା ପରେ ତିରିଂ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଜେନାଙ୍କ ନେତୃତ୍ୱରେ ଗଠିତ ଟିମ ହତ୍ୟା ଅଭିଯୁକ୍ତ ଜଂଘିଆ ଗାଁର ସୁଦର୍ଶନ ବାରି (୨୯)କୁ ପାରାଦୀପରୁ ଗିରଫ କରିଥିଲା । ଆସନ୍ତାକାଲି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ।

## ମହିଳାଙ୍କ ବେକରୁ ସୁନାଚେନ ଲୁଟ୍

**ବାରିପଦା, ୧୦ ।୧(ସମିସ):** ବାରିପଦା ସହରରେ ପୁଣି ଜଣେ ମହିଳାଙ୍କ ବେକରୁ ସୁନାଚେନ ଛିନତାଇ ହୋଇଛି। ଏନେଇ ମଧୁବନ ଅଞ୍ଚଳର ଗୌରହରି ବିଶ୍ୱାଳ ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ତାଙ୍କ ପତ୍ନୀଙ୍କ ଘର ବାହାରେ ଛିଡ଼ା ହୋଇଥିବା ବେଳେ ଦୁଇ ଜଣ ଯୁବକ ବାଇକରେ ଆସି ପାଣି ପିଇବାକୁ ମାଗିଥିଲେ। ସେ ଘରକୁ ଆଣି ଆଣିବାକୁ ଯାଉଥିବା ବେଳେ ତାଙ୍କ ବେକରୁ ଦୁର୍ବୃତ୍ତମାନେ ସୁନାହାର ଲୁଟିନେଇ ପଳାଇଥିଲେ। ପୁଲିସ ଅଭିଯୋଗ ପାଇ ତଦନ୍ତ ଚଳାଇଛି।

## ଟ୍ରାନ୍ସଫର୍ମର କଣ୍ଡକ୍ଟର ଚୋରି

**ବାରିପଦା, ୧୦।୧(ସମିସ):** ବସନ୍ତପୁର ଗ୍ରାମ ଅଞ୍ଚଳରୁ ଟ୍ରାନ୍ସଫର୍ମର କଣ୍ଡକ୍ଟର ଚୋରି ନେଇ ଟିପିଏନଓଡିଏଲ ରଘୁନାଥପୁର ସେକ୍ସନ ସହକାରୀ ମ୍ୟାନେଜର କ୍ଷିତୀଶଚନ୍ଦ୍ର ଜେନା ବାରିପଦା ସଦର ଥାନାରେ ଅଭିଯୋଗ କରିଛନ୍ତି । ଉକ୍ତ ସ୍ଥାନକୁ ଲାଇନମ୍ୟାନ ଓ ଅନ୍ୟ କର୍ମଚାରୀ କାର୍ଯ୍ୟ କରିବାକୁ ଯାଇଥିବା ବେଳେ ୨୫କେଭିର ଟ୍ରାନ୍ସଫର୍ମର ସାମଗ୍ରୀ ଚୋରି ହୋଇଥିବା ନେଇ ଜାଣିବାକୁ ପାଇଥିଲେ। ଫଳରେ ୨୦ରୁ ଊର୍ଦ୍ଧ୍ୱ ପରିବାର ବିଦ୍ୟୁତ ସେବାରୁ ବଞ୍ଚିତ ହୋଇଛନ୍ତି। ଏହାର ଆନୁମାନିକ ମୂଲ୍ୟ ୫୦ହଜାର ଟଙ୍କା ହେବ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

# ବିନା ସୁରକ୍ଷାରେ ଭୀମକୁଣ୍ଡରେ ମକରମେଳା ପ୍ରସ୍ତୁତି



**ଠାକୁରମୁଣ୍ଡା, ୧୦।୧(ସମିସ):** ମୟୂରଭଞ୍ଜ ଜିଲ୍ଲାର ଭୀମକୁଣ୍ଡ ଏକ ଅନନ୍ୟ ପର୍ଯ୍ୟଟନ କ୍ଷେତ୍ର। ପଞ୍ଚୁପାଣ୍ଡବ ଦ୍ୱାପର ଯୁଗରେ ଅଜ୍ଞାତ ବାସରେ ଥିବାବେଳେ ଏଠାରେ ସ୍ନାନ କରିବା ସହିତ ନିଜର ତୃଷ୍ଣା ମେଣ୍ଟାଇଥିଲେ। ତେଣୁ ଏହାର ନାମକରଣ ଭୀମକୁଣ୍ଡ ରଖାଯାଇଛି; ଯାହା କିମ୍ବଦନ୍ତୀ କହେ। ତବେ ଏହାକୁ ୨୦୦୬ ମସିହାରେ ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ମିଳିଛି। ଆଗକୁ ମକର ମେଳା। ଏହି ମେଳାରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ହଜାର ହଜାର ଲୋକ ମକର ସ୍ନାନ କରି ପୁଣ୍ୟ ଅର୍ଜନ କରିବା ପାଇଁ ଏଠାକୁ ଆସନ୍ତି। ପୁଣ୍ୟତୋୟା ବୈତରଣୀର ଜଳରାଶି ପଥର ଉପରୁ ପଥରକୁ ଡେଇଁ ପଡ଼ି ଜଳ ପ୍ରପାତ ସୃଷ୍ଟି କରିବାର ଦୃଶ୍ୟ ପରିବେଶକୁ ବେଶ ରମଣୀୟ କରୁଛି। ଧଳା, କଳା ଓ ନୀଳ ପଥର ଗୋହର ଦେଇ ଏକ ବିରାଟ କୁଣ୍ଡକୁ ନୀଳ ଜଳରାଶି ବୋହି ଆସୁଥିବା ଦୃଶ୍ୟ ଅତି ରମଣୀୟ। ସେହି ଜଳରାଶିରେ ଅଧିକାଂଶ ଲୋକ ସ୍ନାନ କରିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତି। ପର୍ଯ୍ୟଟକମାନେ ନୀଦର ଗଭୀରତା ନ ଜାଣି ଲମ୍ଫ ମାରିଥାନ୍ତି। ଫଳରେ ପଥରର ନୀଳ ଓ ଜଳର ସ୍ରୋତରେ ଲୋକମାନେ ଭାସି ଯାଆନ୍ତି। ପ୍ରବେଶ ପଥର ଫାଟକଟି ଏବେ ଜରାଜିର୍ଣ୍ଣ ଅବସ୍ଥାରେ ଥିବା ବେଳେ ଭୀମକୁଣ୍ଡ ଜଳପ୍ରପାତରେ ସୁରକ୍ଷା ବାଡ଼ ଭାଙ୍ଗିଯାଇଛି । କୁଣ୍ଡ ଉପର ପାଖରେ କୌଣସି ସୁରକ୍ଷା ବାଡ଼ ନାହିଁ କି ଜନଗହଳିକୁ ନିୟନ୍ତ୍ରଣ କରିବା ପାଇଁ ସୁରକ୍ଷା କର୍ମୀ ନାହାଁନ୍ତି। ସାନକୁଣ୍ଡ ଓ ବଡକୁଣ୍ଡ ପାଖରେ ସୁରକ୍ଷାର ସୁବିଧା କରିବାକୁ ଦାବି ହେଉଛି। ଏହା ଏକ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପର୍ଯ୍ୟଟନ ସ୍ଥଳ ହୋଇଥିବାବେଳେ ବଣ ଭୋଜି ପାଇଁ ଏଠାକୁ ବର୍ଷ ସାରା ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ । ଏହାର ମନୋରମ ଦୃଶ୍ୟ ଉପଭୋଗ କରିବା ପାଇଁ ସୁରକ୍ଷା ବାଡ଼, ଉଜ୍ଜ୍ୱଳ ଆଲୋକ, ଶୌଚାଳୟ, ରହିବା ପାଇଁ କଟେଜ, ବଙ୍ଗଳା ଆଦି ବ୍ୟବସ୍ଥା କରାଗଲେ ପର୍ଯ୍ୟଟକଙ୍କୁ ଅଧିକ ଆକର୍ଷଣ କରନ୍ତା । ମକର ମେଳା ପାଇଁ ବନବିଭାଗ କିମ୍ବା ଜିଲ୍ଲା ପ୍ରଶାସନ ବା ପର୍ଯ୍ୟଟନ ବିଭାଗ ସୁରକ୍ଷା ଦିଗରେ କି ପଦକ୍ଷେପ ନେବାକୁ ଦାବି ହେଉଛି ।

# ରବିଚାଷ ପାଇଁ ଅସନବଣିରେ ପାଣି ପଞ୍ଚାୟତ ବୈଠକ



**ପିଙ୍ଗୁ, ୧୦।୧(ସମିସ):** କପ୍ତିପଦା ବ୍ଲକ ଅନ୍ତର୍ଗତ କାଳ ଜଳସେଚନ ପ୍ରକଳ୍ପର ନଂ-୧ ପାଣି ପଞ୍ଚାୟତ ଅସନବଣିରେ ଏକ ସାଧାରଣ ବୈଠକ ସଭାପତି ସର୍ବେଶ୍ୱର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧୀକ୍ଷଣ ଯନ୍ତ୍ରୀ ପରମେଶ୍ୱର ପାତ୍ର, କାଳଜଳସେଚନ ପ୍ରକଳ୍ପର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଭାତ କୁମାର ସେଠୀ, ପୂର୍ବତନ ସହକାରୀ ନିର୍ବାହୀ ଯନ୍ତ୍ରୀ ଗଜେନ୍ଦ୍ର ନାଏକ, କାଳ ପାଣିପଞ୍ଚାୟତ ପ୍ରକଳ୍ପ କମିଟିର ସଭାପତି ଯଜ୍ଞନାରାୟଣ ମହାନ୍ତି, କପ୍ତିପଦା ବ୍ଲକ ଗ୍ରାମ୍ୟ କୃଷି କର୍ମଚାରୀ ଅବିନାଶ ଗାଁଣ, କାଳ ପ୍ରକଳ୍ପ କନିଷ୍ଠ ଯନ୍ତ୍ରୀ ଅନନ୍ତ ମୁର୍ମୁ, କନିଷ୍ଠ ଯନ୍ତ୍ରୀ ଶରତ ଚନ୍ଦ୍ର ସିଂ ପ୍ରମୁଖ ଯୋଗଦାନ କରିଥିଲେ। ଚଳିତ ରବିଚାଷରେ କାଳ ପ୍ରକଳ୍ପର ମୁଖ୍ୟ କେନାଲର ମରାମତି କାର୍ଯ୍ୟ ଚାଲୁଥିବାରୁ କେବଳ ୧ନଂ ପାଣି ପଞ୍ଚାୟତ ଅନ୍ତର୍ଗତ ମୁଖ୍ୟ କେନାଲର ଗଡ଼ିଆପାଳ ମାଇନରଠାରେ କ୍ରସବନ୍ଧ କରି ରବି ଜଳ ଯୋଗାଇ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ଆସନ୍ତା ୨୦ ତାରିଖରୁ ପର୍ଯ୍ୟାୟ କ୍ରମେ ୧ନଂ ପାଣି ପଞ୍ଚାୟତ ଅନ୍ତର୍ଗତ ଚୁଇପୋଷି ମାଇନର କେନାଲ, ଗଡ଼ିଆପାଳ ମାଇନର କେନାଲ, ଅସନବଣି ସବ୍‌ମାଇନର କେନାଲ, ପିଙ୍ଗୁ ସବ୍‌ମାଇନର ଏବଂ କାଳିଆସାହି ସବ୍‌ମାଇନର କେନାଲକୁ ଜଳଯୋଗାଣ କରାଯିବ । ବୈଠକରେ ୧୫୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ । କେଶବ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# କୁହୁଡ଼ି ପାଇଁ ୧୮ କୁ ଘୁଞ୍ଚିଲା ପକ୍ଷୀ ଗଣନା

**ବାରିପଦା, ୧୦ ।୧(ସମିସ):** ମୟୂରଭଞ୍ଜ ଜିଲ୍ଲାରେ ପକ୍ଷୀ ଗଣନା ତାରିଖ କୁହୁଡି ପାଇଁ ଘୁଞ୍ଚିଛି। ଶିମିଳିପାଳ ଅଭୟାରଣ୍ୟ ସମେତ ଜିଲ୍ଲାର ବାରିପଦା, କରଞ୍ଜିଆ ଓ ରାଇରଙ୍ଗପୁର ବନଖଣ୍ଡରେ ଜାନୁଆରୀ ୧୦ରୁ ଦୁଇ ଦିନିଆ ପକ୍ଷୀ ଗଣନା ହେବାକୁ ଥିବା ବେଳେ ତାହା ଆସନ୍ତା ୧୮ ତାରିଖକୁ ଘୁଞ୍ଚିଛି। କୁହୁଡି ପାଇଁ ଠିକଭାବେ ପକ୍ଷୀ ଗଣନା କରିବାରେ ବାଧା ହେବ। ତେଣୁ ତାରିଖରେ ପରିବର୍ତ୍ତନ କରାଯାଇଛି। ଏନେଇ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି। ବିଭିନ୍ନ ଜଳଭଣ୍ଡାର ସହ ଆଦ୍ରଭୂମିର ସହ ପାଖାପାଖି ୧୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ପକ୍ଷୀ ଗଣନା କରାଯିବ । ସକାଳ ୭ରୁ ଦିନ ୧୧ ପର୍ଯ୍ୟନ୍ତ ଗଣନା ହେବ । ଏଥିରେ ରେଞ୍ଜର, ଫରେଷ୍ଟର ଓ ପକ୍ଷୀ ଗବେଷକ ସାମିଲ ହେବେ। ବାଇନ କୁଲାର ଓ ଜିପିଏସ କ୍ୟାମେରା ସାହାଯ୍ୟରେ ବନବିଭାଗର କର୍ମଚାରୀ ପକ୍ଷୀ ଗଣନା କରିବେ ।

# ମିଶନ ଶକ୍ତି ଗୃହ ଉଦ୍‌ଘାଟିତ



**ବାରିପଦା, ୧୦ ।୧(ସମିସ):** ବାରିପଦା ପୌରପାଳିକା ଅନ୍ତର୍ଗତ ୮ ନଂ ୱାର୍ଡ଼ରେ ମିଶନ ଶକ୍ତି ଗୃହ ଉଦଘାଟିତ ହୋଇଯାଇଛି । ଏଥିରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ଗୃହକୁ ଉଦ୍‌ଘାଟନ କରିଥିଲେ। ଏହି ଗୃହ ନିମନ୍ତେ ସ୍ଥାନୀୟ ୱାର୍ଡର ମହିଳାଙ୍କ ଦାବିକୁ ଦୃଷ୍ଟିରେ ରଖି ନିର୍ମାଣ କରାଯାଇଛି। କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଅନେକ ସଂଖ୍ୟାରେ ଉପସ୍ଥିତ ରହିଥିଲେ। ସମସ୍ତ ୱାର୍ଡ କାଉନସିଲର, ପୌର ଯନ୍ତ୍ରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

**ଜାମଦା, ୧୦।୧(ସମିସ):** ଜାମଦାଠାରେ ଶ୍ରୀଅନ୍ନ ଅଭିଯାନରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଦୁଲାଲ ସଂସ୍ଥାର ବ୍ଲକ ସଂଯୋଜକ ଆଦିକନ୍ଦ ବେହେରାଙ୍କ ସଂଯୋଜନାରେ ମାଣ୍ଡିଆ ମଣ୍ଡି ଉଦଘାଟନ ହୋଇଥିଲା। ଉତ୍ସବରେ ୱାସାନର ଏଡିଡିସି ତ୍ରିଲୋଚନ ଶବର, ଟିଡିସିସିର ଆସିଷ୍ଟାଣ୍ଟ ମ୍ୟାନେଜର ହିରେନ୍ଦ୍ର ପାଣିଗ୍ରାହୀ, ଏଫ୍‌ଏର ସେକ୍ରେଟାରୀ ପଙ୍କଜ କୁମାର ବେହେରା, ଜାମଦା କୃଷି ଅଧିକାରୀ ସୁଭଲକ୍ଷ୍ମୀ ଦାସ, ଇସିଡିଏସ ସୁପରଭାଇଜର, ଏଫଏ, ଏଫପିଓ ସମସ୍ତ କର୍ମଚାରୀ, ଦୁଲାଲ ସଂସ୍ଥାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ତେବେ ଏହି ମାଣ୍ଡିଆ ମଣ୍ଡି ଚଳିତ ବର୍ଷ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ରହିବ ବୋଲି ଦୁଲାଲ ସଂସ୍ଥାର ବ୍ଲକ ସଂଯୋଜକ ସୂଚନା ଦେଇଥିଲେ।

**ସମ୍ବର୍ଦ୍ଧନା ଉତ୍ସବରେ ବିଇଓଙ୍କ ପାତରଅନ୍ତର**

# ନିୟମ ଉଲ୍ଲଂଘନ; ଉପରିସ୍ଥ ଅଧିକାରୀଙ୍କୁ ଦିଆଯାଇନାହିଁ ସୂଚନା



**ମୋରଡ଼ା, ୧୦।୧(ସମିସ)**

ମୋରଡ଼ା ବ୍ଲକ ଚିତ୍ରଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ନୂତନ ପେନସନଭୁକ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଏବଂ ନୂତନ ଭାବେ ଯୋଗଦାନ କରିଥିବା କନିଷ୍ଠ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଏବଂ ବିଦାୟ କାଳୀନ ସମ୍ବର୍ଦ୍ଧନା ପାଇଁ ଏକ ବନ୍ଧୁମିଳନ ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶିଧର ସିଂ, ଜବାହାର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ନନ୍ଦି, ଏନପିଏସ ସଙ୍ଘ ସମ୍ପାଦକ ହରେନ୍ଦ୍ର ମହାନ୍ତ, ବିଇଓ ମୋନମୋହନ ହେମ୍ବ୍ରମ, ଏବିଇଓ ପାଲୁ ହାଁସଦା, ବିଆରସିସି ପୃଥ୍ୱୀନାଥ ବାସ୍କେ ଏବଂ ଏନପିଏସ ସଙ୍ଘର ସଭାପତି ସୂର୍ଯ୍ୟକାନ୍ତ ସେଠୀ ଉପସ୍ଥିତ ଥିଲେ। ତେବେ ମୋରଡ଼ା ବ୍ଲକରେ ଏକ୍ସ-କ୍ୟାଡର ପ୍ରାଥମିକ ଶିକ୍ଷକ ସଂଘ, ଏନପିଏସ ଶିକ୍ଷକ ସଙ୍ଘ ଏବଂ ଅଲ ଉତ୍କଳ ପ୍ରାଇମେରୀ ଶିକ୍ଷକ ସଙ୍ଘ ରହିଛି । ତେବେ ବିଇଓ ଉକ୍ତ କାର୍ଯ୍ୟକ୍ରମକୁ ଆୟୋଜନ କରୁଥିବା ବେଳେ କାର୍ଯ୍ୟାଳୟ ଚିଠି ସଂଖ୍ୟା ୩୮/୨୦୨୫ ଅନୁଯାୟୀ ବ୍ଲକରେ ଥିବା କେବଳ ପ୍ରାଥମିକ ବିଦ୍ୟାଳୟରେ ଏନପିଏସ ଶିକ୍ଷକ ସଙ୍ଘର ଶିକ୍ଷକଙ୍କୁ ଉପସ୍ଥିତ ରହିବା ପାଇଁ ପ୍ରଧାନ ଶିକ୍ଷକ ଏବଂ ସିଆରସିସିଙ୍କୁ ମେମୋ କରିଥିବା ଚିଠିରେ ଉଲ୍ଲେଖ ରହିଛି । ଏହାବ୍ୟତୀତ ଉକ୍ତ ଚିଠିରେ ବିଭାଗୀୟ ଅଧିକାରୀ ଯେପରିକି ଜିଲ୍ଲା ଶିକ୍ଷା ଅଧିକାରୀ କିମ୍ବା ସର୍ବଶିକ୍ଷା ଅଭିଯାନର ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଉକ୍ତ କାର୍ଯ୍ୟକ୍ରମରେ କୌଣସି ସୂଚନା ପ୍ରଦାନ ନିମନ୍ତେ ଚିଠିରେ ଉଲ୍ଲେଖ ରହିନାହିଁ; ଯାହାକି ସରକାରୀ ନିୟମକୁ ଉଲ୍ଲଂଘନ କରାଯାଇଛି । ସେହିପରି କାର୍ଯ୍ୟକ୍ରମକୁ ଆସିଥିବା ଅବସରପ୍ରାପ୍ତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ ସମୟରେ ପାତରଅନ୍ତର କରାଯାଇଥିବାରୁ ବିଶୃଙ୍ଖଳା ସୃଷ୍ଟି ହୋଇଛି। ବ୍ଲକରେ ତିନୋଟି ସଙ୍ଘର ଶିକ୍ଷକ ଶିକ୍ଷାଦାନ କରୁଥିବା ବେଳେ ବିଇଓଙ୍କ ଏନପିଏସ ପ୍ରୀତି ଯୋଗୁଁ ଅନ୍ୟ ଦୁଇ ସଙ୍ଘର ଶିକ୍ଷକମାନଙ୍କ ସମ୍ମାନକୁ କୁଠାରଘାତ କରିଛି। ତେବେ ବଡଜାମବଣି ପ୍ରାଥମିକ ବିଦ୍ୟାଳୟରେ ୩ଟି ଶିକ୍ଷକ ଏନପିଏସ ଶିକ୍ଷକ ଥିବାବେଳେ ସେମାନେ ସ୍କୁଲ ବନ୍ଦ କରି ବିଇଓଙ୍କ ଚିଠି ଅନୁଯାୟୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ତେବେ ଉଲିଡିହି, କଲରାଫୁଲିଆ, ଏମଏସବ୍ରହ୍ମାନମରା, ଛୋଟରାଇପୁର, ଗାଲୁସାହି, ବଡ ଜାମବଣୀ ପ୍ରାଥମିକ ବିଦ୍ୟାଳୟରେ କେବଳ ଏନପିଏସ ଶିକ୍ଷକ ଥିବାବେଳେ ସ୍କୁଲ ଗୁଡିକୁ ବନ୍ଦ କରି ଶିକ୍ଷକମାନେ କାର୍ଯ୍ୟକ୍ରମକୁ ଆସିଥିବା ଜଣାପଡ଼ିଛି; ଯାହାକି ତଦନ୍ତ ସାପେକ୍ଷ। ଏ ନେଇ ବିଇଓ ମନମୋହନ ହେମ୍ବ୍ରମଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନ ଥିଲେ। ତେବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପ୍ରତିକ୍ରିୟା ନେବାରୁ ସେ ହାଇକୋର୍ଟରେ ଅଛନ୍ତି ଏବଂ କାର୍ଯ୍ୟକ୍ରମ ବିଷୟରେ ଜାଣିନାହାନ୍ତି ବୋଲି କହିଥିଲେ।

# ଜ୍ୟୋତିଷ ଶାସ୍ତ୍ରରେ ଧର୍ମେନ୍ଦ୍ରଙ୍କୁ ଡକ୍ଟରେଟ୍



**ବୈଶିଙ୍ଗା, ୧୦।୧(ସମିସ):** ଇନଷ୍ଟିଚ୍ୟୁ ଅଫ ଇଞ୍ଜିନିଅରିଂ ପକ୍ଷରୁ ଭୁବନେଶ୍ୱରରେ ୧୮ତମ ଏସିଆନ ଜ୍ୟୋତିର୍ବିଦ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ବେତନଟୀ ବ୍ଲକ ଅଧୀନ ରଘୁପୁର ପଞ୍ଚାୟତ ଖୁଣ୍ଟାପୁର ଗ୍ରାମର ଧର୍ମେନ୍ଦ୍ର ନାଥଙ୍କୁ ଡକ୍ଟରେଟ ଉପାଧିରେ ସମ୍ମାନିତ କରାଯାଇଛି। ସମ୍ମିଳନୀରେ ଦେଶ ତଥା ଦେଶ ବାହାରୁ ବହୁ ଜ୍ୟୋତିଷ, ବାସ୍ତୁ ବିଜ୍ଞାନୀ, ହସ୍ତରେଖାବିଦ, ତନ୍ତ୍ରବିଦ ପ୍ରମୁଖ ଯୋଗ ଦେଇଥିଲେ । ଧର୍ମେନ୍ଦ୍ର ଦୀର୍ଘ ବର୍ଷ ଧରି ବାସ୍ତୁ ଏବଂ ଜ୍ୟୋତିଷ କାର୍ଯ୍ୟ କରିଆସୁଛନ୍ତି। ସମ୍ମିଳନୀରେ ଭୃଗୁ ଜ୍ୟୋତିଷ ସଂସ୍ଥାନର ଚେୟାରମ୍ୟାନ ପଣ୍ଡିତ ଶ୍ରୀଧର ଆଚାର୍ଯ୍ୟ ଏବଂ ନେପାଳରୁ ଆସିଥିବା ମୁଖ୍ୟ ଅତିଥି ଡ଼. ମହେନ୍ଦ୍ର ନାଥ ମୁଦ୍ରାଙ୍କ ଦ୍ୱାରା ଧର୍ମେନ୍ଦ୍ରଙ୍କୁ ଏହି ଉପାଧି ପ୍ରଦାନ କରାଯାଇଛି।

## ଗଣପର୍ବ ମକର ପାଇଁ ଝଲସିଲାଣି ମୟୂରଭଞ୍ଜ

# ହସ୍ତକଳାରେ ଚମକୁଛି ମାଟିକାନ୍ଥ ଓ ଆକର୍ଷଣ ଟୁସୁ ପ୍ରତିମା





ବାରିପଦା, ୧୦।୧(ସମିସ)

ଆସନ୍ତା ବୁଧବାର ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ମକର; ଯାହା ପାଇଁ ଗାଁଠୁ ସହର ଯାଏ ଚଳଚଞ୍ଚଳ ହେଲାଣି। ଏପରିକି ମକର ହାଟ ଏବଂ ବଜାରରେ ମଧ୍ୟ ବେଶ୍ ଭିଡ ଜମିଲାଣି। ଏହି ପର୍ବ ନିମନ୍ତେ ଆଦିବାସୀ ଗ୍ରାମଗୁଡିକରେ ମାଟିକାନ୍ଥକୁ ଅତି ସୁନ୍ଦରଭାବେ ହସ୍ତକଳାରେ ଆଙ୍କିବା ସହିତ ଜଳାଶୟ ତଥା ନଦୀ ପୋଖରୀ ତୁଟରେ ଘରର ଲୁଗାପଟା ସଫା କରି ଶୁଖାଯିବା ଦୃଶ୍ୟ ଅତ୍ୟନ୍ତ ମନୋରମ। ଏପରିକି ଗାଁର ପୁଅ-ଝିଅମାନେ ଜଳାଶୟ ନିକଟରେ ମକର ପଲା (କୁମା) ପାଇଁ ଡାଳ ଓ ଝଟା ଗଦା କରିବା ଆରମ୍ଭ କଲେଣି। ଗାଁର ଧାନପେଷା ମେସିନରେ ଭିଡ ଲାଗିଲାଣି। ଗାଁ ଗାଁରେ ମାଦଳର ଶବ୍ଦ ଓ ଟୁସୁଗୀତ ଅଭ୍ୟାସ ମଧ୍ୟ ଶୁଭୁଲାଣି। ସାପ୍ତାହିକ ହାଟରେ ରଙ୍ଗବେରଙ୍ଗ ପୋଷାକ ଠାରୁ ଆରମ୍ଭ କରି ଲୁଗା, ଶୀତବସ୍ତ୍ର, ବାସନକୁସନ, କଳସୀ, ହାଣ୍ଡି, ମାଟି ଘୋଡ଼ା, କୁଲା ପାଛିଆ ଓ ଆସବାବପତ୍ର ବିକ୍ରିବଟା ଜୋର ଧରିଲାଣି। ବିଶେଷକରି ମୟୂରଭଞ୍ଜ ଜିଲ୍ଲାରେ ଏହି ପର୍ବ ଆଡ଼ମ୍ବର ସହକାରେ ପାଳନ ହୋଇଥାଏ। ଏହା ଏକ କୃଷି ଭିତ୍ତିକ ପର୍ବ। ସାଧାରଣତଃ ଖରିଫ ଧାନ ଫସଲ ଅମଳ ପରେ ଚାଷକାର୍ଯ୍ୟରେ ବ୍ୟବହୃତ ହେଉଥିବା ଚାଷ ଉପକରଣକୁ ବିଶ୍ରାମ ଦେବା ଉଦ୍ଦେଶ୍ୟରେ ପ୍ରତ୍ୟେକ ଚାଷୀ ପରିବାରରେ ଖଳାରେ ପୂଜା କରାଯାଇଥାଏ। ଜିଲ୍ଲାରେ ବସବାସ କରୁଥିବ କୁଡୁମୀ, ଆଦିବାସୀ ଓ ସମସ୍ତଙ୍କ ଘରେ ଘରେ ଏହି ପର୍ବ ପାଳିତ ହୋଇଥାଏ। ୩ ଦିନ ଧରି ଏହି ପର୍ବ ପାଳନ କରାଯାଇଥାଏ। ପୌଷ ମାସର ଶେଷ ଦିନରେ ବାଉଣ୍ଡି, ମାଘ ମାସ ସଂକ୍ରାନ୍ତି ଦିନ ମକର ଓ ୩ୟ ବା ଶେଷ ଦିନ ଆଖାନ ଭାବରେ ପାଳନ ହୋଇଥାଏ। ମକର ସଂକ୍ରାନ୍ତିରେ ସୂର୍ଯ୍ୟୋଦୟ ପୂର୍ବରୁ ଜଳାଶୟରେ ବୁଡ ପକାଇ ଗାଧୋଇଲେ ଗଙ୍ଗାସ୍ନାନର ପୁଣ୍ୟ ମିଳିଥାଏ ବୋଲି ଲୋକମତ ରହିଛି। ସମସ୍ତେ ଗାଧୋଇ ନୂତନ ବସ୍ତ୍ର ପରିଧାନ କରିଥାନ୍ତି। ପିଠାପଣା, ଭାତମାଂସ ଭୋଜି ପ୍ରାୟ ଜିଲାର ସମସ୍ତଙ୍କ ଘରେ ଘରେ ହୋଇଥାଏ। ତେବେ ମକର ପର୍ବର ଟୁସୁ ମିଳନ ସବୁଠୁ ଆର୍ଷଣୀୟ; ଯାହା କୁଡୁମୀ ସମ୍ପ୍ରଦାୟରେ ବେଶ ଗୁରୁତ୍ୱ ବହନ କରିଥାଏ। କୁମାରୀ ଓ ମହିଳାମାନେ ରାତିସାରା ଟୁସୁଗୀତ ଗାଇ ତା ପରଦିନ ଟୁସୁଦେବୀଙ୍କ ସହିତ ଘରକୁ ଘର ବୁଲି ବିସର୍ଜନ ଦୃଶ୍ୟ ବେଶ ମନରୋମ। ବିସର୍ଜନ ସ୍ଥଳରେ ମେଳା ବସିଥାଏ। ମହୁଲିଆ, ଟୁକୁପାଳସିଆ, କୋଷ୍ଠା, ଯଶିପୁର ଓ ରାମତୀର୍ଥ ଆଦି ସ୍ଥାନରେ ଏହା ବଡ଼ଧରଣ ପାଳନ ହୁଏ। ଜିଲ୍ଲାର ପ୍ରତ୍ୟେକ ଗ୍ରାମ ଦେବତୀଙ୍କ ପାଖରେ ମକର ସଂକ୍ରାନ୍ତିରେ ପୂଜା ଅନୁଷ୍ଠିତ ହେଉଥିବା ବେଳେ ମକର ଚାଉଳ, ଗୁଡ଼ ପିଠା ଓ ଲଡୁ ଭୋଗଲାଗି ହୁଏ। ଏହି ଅବସରରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥାଏ। ମକର ସଂକ୍ରାନ୍ତି ଓ ପରଦିନ ଦିନ ସରକାରଙ୍କ ପକ୍ଷରୁ ଛୁଟି ଦିବସ ଘୋଷଣା କରାଯାଇଛି। ଚଳିତବର୍ଷ ୧୧ତାରିଖ ଦ୍ୱିତୀୟ ଶନିବାର ଓ ୧୨ ତାରିଖ ରବିବାର ଛୁଟି ପାଇଁ ସୋମବାର ସରକାରୀ କାର୍ଯ୍ୟଦିବସ (ଅନେକଙ୍କ ବ୍ୟକ୍ତିଗତ ଛୁଟି)କୁ ବାଦ ଦେଲେ ବୁଧବାର ପର୍ଯ୍ୟନ୍ତ ଲମ୍ବା ଛୁଟିରେ କର୍ମଚାରୀମାନେ ଘରକୁ ଆସି ମକରପର୍ବରେ ଯୋଗଦେବେ। ଜିଲ୍ଲାକୁ ଆସୁଥିବା ବସ ଟ୍ରେନରେ ଅଗ୍ରୀମ ଟିକଟ ମିଳୁନାହିଁ। ମକର ପ୍ରସ୍ତୁତି ପାଇଁ ବର୍ତ୍ତମାନ ଗାଁଠାରୁ ସହର ଯାଏଁ ବାରି ହୋଇଛି। ମକର ପର୍ବ ପରେ ଆଦିବାସୀ ସମ୍ପ୍ରଦାୟର ଦାମଦୋର ମେଳା ନଦୀନାଳ ସଙ୍ଗମ ସ୍ଥଳରେ ଅନୁଷ୍ଠିତ ହୋଇଥାଏ। ପିତୃପୁରୁଷଙ୍କୁ ଶ୍ରାଦ୍ଧ ଉଦ୍ଦେଶ୍ୟରେ ସମସ୍ତେ ଏକତ୍ରିତ ହୋଇଥାନ୍ତି। ତେବେ ମକର ସଂକ୍ରାନ୍ତି ସମୟରେ କୁକୁଡା ଲଢେଇ, ଜୁଆଖେଳ ଓ ଅବାଧ ମଦବିକ୍ରି ବନ୍ଦ ପାଇଁ ଜିଲ୍ଲା ପ୍ରଶାସନ ତୀକ୍ଷ୍ଣ ଦୃଷ୍ଟି ରଖିଛି।

**ଲମ୍ବା ଛୁଟିରେ ଆସିବେ ସରକାରୀ ଚାକରିଆ**

## ଜିଲ୍ଲାସ୍ତରୀୟ ବାଳିକା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ; ମୋରଡ଼ା ଚାମ୍ପିଅନ



**ବାରିପଦା, ୧୦।୧(ସମିସ):** ମୟୂରଭଞ୍ଜ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଜାତୀୟ ଶିଶୁ କନ୍ୟାସମଗ୍ର ଶିକ୍ଷା ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବାଳିକା ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଶିଶୁ କନ୍ୟା ଦିବସ ପାଳନ ତଥା ବେଟି ବଚାଓ ବେଟି ପଢ଼ାଓ ଯୋଜନାର ୧୦ବର୍ଷ ପୂର୍ତ୍ତି ଉଦ୍ଦେଶ୍ୟରେ ବାଳିକାମାନଙ୍କ ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ଉଦ୍ଦେଶ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଜିଲ୍ଲାର ୧୩ଟି କସ୍ତୁରବା ଗାନ୍ଧୀ ବିଦ୍ୟାଳୟ ଓ ୩ଟି ବାଳିକା ଶିଶୁଯନ୍ତ୍ର ଅନୁଷ୍ଠାନର ଟିମ ଭାଗ ନେଇଥିଲେ। ଦୁଇଦିନ ଧରି ବାରିପଦା ସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ଶୁଭାରମ୍ଭରେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଜିଲ୍ଲା କ୍ରୀଡା ଅଧିକାରୀ ସୁବାଶିଷ ନାୟକ, ଓରମାସର ଡେପୁଟି ସିଇଓ ବିମାନ ମଲ୍ଲ, ସମଗ୍ର ଶିକ୍ଷାର ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ କୁମାର ବାରିକ, ବିଜ୍ଞାନ ପର୍ଯ୍ୟବେକ୍ଷକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଓ ଫୁଟବଲ କୋଚ ଅବନୀ ମହାନ୍ତି ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦଯାପନୀ ସମାରୋହରେ ମୟୁରଭଞ୍ଜ ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଶିଶୁ ମଙ୍ଗଳ ସମିତି ସଭ୍ୟ ମନମୋହନ ପ୍ରଧାନ, ଯଦୁମଣି ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ ମୋରଡାର ଭାଲିଆଡିହା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଫୁଟବଲ ଟିମ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଉଦଳାର ରାଢୋ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଫୁଟବଲ ଟିମ ଉପ ବିଜେତା ହୋଇଥିଲେ। ଉଭୟ ଦଳକୁ ଆଗାମୀ ୨୪ ତାରିଖରେ ଜିଲ୍ଲା ସ୍ତରୀୟ ଶିଶୁ କନ୍ୟା ଦିବସ ପାଳନ ଅବସରରେ ପୁରସ୍କୃତ କରାଯିବ। କ୍ରୀଡା ଶିକ୍ଷକ ଧର୍ମେନ୍ଦ୍ର ପଣ୍ଡା, ସୁଶାନ କୁମାର ସିଂ ଓ ବାସୁଦେବ ମହାନ୍ତ ପରିଚାଳନା କରିଥିଲେ।

## ଯୁବକଙ୍କ ମୃତଦେହ ଉଦ୍ଧାର

**ବାରିପଦା, ୧୦।୧(ସମିସ):** ବାରିପଦା ସଦର ଥାନା ଅନ୍ତର୍ଗତ ଧନପୁର ଶିବ ମନ୍ଦିର ସମ୍ମୁଖରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ହେଲେ ଉଦଳା ଥାନା ଅନ୍ତର୍ଗତ ମେଣ୍ଡାଖାଇ ଅଞ୍ଚଳର ରାଜେଶ ପଢ଼ିଆଳ (୨୭)। ଶୁକ୍ରବାର ସକାଳେ ସ୍ଥାନୀୟ ଲୋକେ ମୃତଦେହ ପଡ଼ିଥିବା ଦେଖି ବାରିପଦା ସଦର ଥାନା ପୁଲିସକୁ ଖବର ଦେଇଥିଲେ। ଥାନା ଅଧିକାରିଣୀ ମଧୁସ୍ମିତା ମହାନ୍ତି ସଦଳବଳ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଗୁରୁବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ତେବେ ଉକ୍ତ ଯୁବକଙ୍କୁ ହତ୍ୟା କରାଯାଇଥିବା ନେଇ ସନ୍ଦେହ କରାଯାଇଛି। ପରିବାର ଲୋକଙ୍କ ଅଭିଯୋଗକ୍ରମେ ବାରିପଦା ସଦର ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ପୁଲିସ ସନ୍ଦେହରେ ଜଣକୁ ଅଟକ ରଖି ପଚରା ଉଚରା ଜାରି ରଖିଛି।

## ବିପୁଳ ଦେଶୀ ମଦ ଓ ପୋଚ ଜବତ

**ବାରିପଦା/କୁଳିଅଣା, ୧୦।୧(ସମିସ):** ମକର ସଂକ୍ରାନ୍ତିକୁ ଦୃଷ୍ଟିରେ ରଖି ବେଆଇନ ମଦ କାରବାରକୁ ରୋକିବା ପାଇଁ ସ୍ୱତନ୍ତ୍ର ଚଢଉ ଜାରି ରହିଛି। ଚଢଉ ସମୟରେ ବିପୁଳ ପରିମାଣର ଦେଶୀ ମଦ ଜବତ କରାଯାଇଛି। ଅବକାରୀ ବିଭାଗ ପକ୍ଷରୁ ୪୯୫ ଲିଟର ଦେଶୀ ମଦ ଓ ୧୩, ୫୦୦ ଲିଟର ମହୁଲ ପୋଚ ଜବତ କରାଯାଇଛି। ଶୁକ୍ରବାର କୁଳିଅଣା ଓ ବାଙ୍ଗିରିପୋଷି ଥାନା ଅଞ୍ଚଳର ମଦ ପ୍ରସ୍ତୁତି କେନ୍ଦ୍ରରେ ଅବକାରୀ ବିଭାଗ ଚଢ଼ଉ କରିଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି

## ବିଳମ୍ବରେ ପହଞ୍ଚୁଛି ପୁରୀ-ବାଙ୍ଗିରିପୋଷି ଏକ୍ସପ୍ରେସ

# ଯାତ୍ରୀ ଅସୁରକ୍ଷିତ; ଜନପ୍ରତିନିଧି ଚୁପ୍



**ବାରିପଦା, ୧୦।୧(ସମିସ):** ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ମକର ସମୟରେ ପୁରୀ-ବାଙ୍ଗିରିପୋଷି ଏକ୍ସପ୍ରେସ ଟ୍ରେନ ବିଳମ୍ବ ନେଇ ଅସନ୍ତୋଷ ଦେଖାଦେଇଛି। ଏହି ଟ୍ରେନ ପ୍ରତିଦିନ ଦିନ ଧାର୍ଯ୍ୟ ସମୟର ୪/୫ ଘଣ୍ଟା ବିଳମ୍ବରେ ବାରିପଦାରେ ପହଞ୍ଚୁଛି। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ମକର ପର୍ବ ପାଇଁ ରାଜ୍ୟ ତଥା ଜିଲ୍ଲା ବାହାରେ ରହିଥିବା ଲୋକେ ଘରମୁହାଁ ହୋଇଛନ୍ତି। ଯାହାକୁ ନେଇ ଟ୍ରେନ, ବସ, ଗାଡି ମଟର ଅନେକ ଭିଡ଼ ପରିଲକ୍ଷିତ ହେଉଛି। ଅଧିକାଂଶ ଲୋକେ ପୁରୀ-ବାଙ୍ଗିରିପୋଷି ଏକ୍ସପ୍ରେସ ଟ୍ରେନ ଯୋଗେ ଆସିଥାନ୍ତି। ତେବେ ଟ୍ରେନଟି ରାତି ୧୦.୨୦ରେ ବାରିପଦା ରେଳ ଷ୍ଟେସନରେ ପହଞ୍ଚିବାର ସମୟ ସାରଣୀ ରହିଛି। କିନ୍ତୁ ଗତ ଏକ ମାସ ହେଲା ରାତି ୧୨ଟା ପରେ ପହଞ୍ଚୁଛି। ଏପରିକି ରାତି ୨ଟା ପରେ ମଧ୍ୟ ପହଞ୍ଚିଥିବା ମଧ୍ୟ ଖବର ରହିଛି। ଏହାପରେ ବାଙ୍ଗିରିପୋଷି ଷ୍ଟେସନ ପହଞ୍ଚିବା ବେଳକୁ ଆଉ ଘଣ୍ଟାଏ ବିଳମ୍ବ ହେଉଛି। ରାତିରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୧୦ ଡିଗ୍ରୀକୁ ଛୁଇଁଛି। ଫଳରେ ସନ୍ଧ୍ୟା ବେଳୁ ଘରୁ ବାହାରିବା ଅସମ୍ଭବ। ଉକ୍ତ ସମୟରେ ବିଳମ୍ବିତ ରାତିରେ ଟ୍ରେନ ପହଞ୍ଚିବାରୁ ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମୁନାଫାଖୋର ଅଟୋ ଚାଳକ ଏହାର ଫାଇଦା ଉଠାଉଛନ୍ତି। ସେହିପରି ହାତୀ ଓ ଅପରାଧୀଙ୍କ ପାଇଁ ରାତିରେ ଯାତ୍ରୀମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏହି ସମସ୍ୟା ସମ୍ପର୍କରେ ଜିଲ୍ଲାର ମନ୍ତ୍ରୀ, ସାଂସଦ, ବିଧାୟକ ଜାଣି ମଧ୍ୟ ଅଜଣା ରହୁଛନ୍ତି।

## ପ୍ରବାସୀ ଭାରତୀୟ ଦିବସରେ କୁଇଜ୍ ପ୍ରତିଯୋଗିତା

**ବାରିପଦା, ୧୦।୧(ସମିସ):** ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶୁକ୍ରବାର ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ ଅଧ୍ୟାପିକାଙ୍କ ପକ୍ଷରୁ ପ୍ରବାସୀ ଭାରତୀୟ ଦିବସ ପାଳନ ଅବସରରେ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷା ଡ. ଆଲବରଟିନା ତିର୍କୀ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିବା ବେଳେ ୭୩ ଜଣ ପୁରସ୍କୃତ ହୋଇଛନ୍ତି। ପ୍ରଶାସନିକ ଅଧିକାରୀ ଡ. ଦୀପକ କୁମାର ବେହେରା ପ୍ରବାସୀ ଭାରତୀୟ ମହତ୍ୱ ସମ୍ପର୍କରେ ଅବଗତ କରିଥିଲେ। ଡ. ଆଶୁତୋଷ ପ୍ରୟାସ ଦାଶ ମଞ୍ଚ ପରିଚାଳନା କରିଥିଲେ।



ପ୍ରତିଯୋଗିତାକୁ ଡ. ସରୋଜ କୁମାର ପାତ୍ର ଏବଂ ଡ. ସୋନାଲି ମହାନ୍ତ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧରେ ମୁରଲୀଧର ପାତ୍ର, ରାଇମଣି ମାଣ୍ଡି, ଘନଶ୍ୟାମ ପୁଷ୍ଟି, କିଶୋର କୁମାର ପଣ୍ଡା, ସୁଗୁକୃଷ୍ଣ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

## ଏମ୍‌ସିଏମ୍‌ରେ କର୍ମଶାଳା



**ବାରିପଦା ୧୦।୧(ସମିସ):** ମୟୂରଭଞ୍ଜ କଲେଜ୍ ଅଫ୍ ଆକାଉଣ୍ଟାନ୍ସୀ ଆଣ୍ଡ ମ୍ୟାନେଜମେଣ୍ଟ (ଏମସିଏମ)ର ସ୍ନାତକୋତ୍ତର ପ୍ରାଣୀବିଜ୍ଞାନ ବିଭାଗ ପକ୍ଷରୁ ଏକ ଦିବସୀୟ ପ୍ରୋଜେକ୍ଟ ଡିଷ୍ଟ୍ରିବ୍ୟୁସନ୍ କର୍ମଶାଳା ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରାଣୀବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର୍ ସୁଶୀଲ କୁମାର ଦତ୍ତ ମୁଖ୍ୟଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା ଓ ପର୍ଯ୍ୟାଲୋଚନା କରିଥିଲେ। ପ୍ରଫେସର୍ ସୁଶୀଲ କୁମାର ଦତ୍ତ ଜଣେ ବିଶ୍ୱସ୍ତରୀୟ ପ୍ରାଣୀ ବିଜ୍ଞାନୀ ହୋଇଥିବାରୁ ଛାତ୍ରଛାତ୍ରୀ ବହୁଳ ଭାବରେ ଉପକୃତ ହେବେ ବୋଲି ଅଧ୍ୟକ୍ଷ ପ୍ରଫେସର ଶ୍ରୀନାୟକ ମତ ଦେଇଥିଲେ। ମୟୂରଭଞ୍ଜ ବାୟୋଲୋଜିକାଲ୍ ରିସର୍ଚ୍ଚର ଏକ୍ସିକ୍ୟୁଟିଭ ଡାଇରେକ୍ଟର ପ୍ରଫେସର ସମୀର କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ନାତକୋତ୍ତର ପ୍ରାଣୀ ଓ ଉଦ୍ଭିଦ ବିଜ୍ଞାନ ବିଭାଗରୁ ଛାତ୍ରଛାତ୍ରୀଙ୍କୁ ଗବେଷଣା ଏବଂ ପ୍ରୋଜେକ୍ଟରେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଫେସର ସଂଘମିତ୍ରା ରାଉତ, ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟା ପ୍ରଫେସର ରୂପାମଞ୍ଜରୀ ବେହେରା ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ପ୍ରାଣୀବିଜ୍ଞାନ ବିଭାଗର ମୁଖ୍ୟା ପ୍ରଫେସର୍ ଅଭିପ୍ସା ନାୟକ କର୍ମଶାଳାର ଆଭିମୁଖ୍ୟ ଏବଂ ଅତିଥି ପରିଚୟ ଦେଇଥିଲେ। ଅଧ୍ୟାପିକା ଅଭିଲିପ୍ସା ଗିରି ଧନ୍ୟବାଦ୍ ଅର୍ପଣ କରିଥିଲେ।

## ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ

**ବାରିପଦା, ୧୦।୧(ସମିସ):** ପ୍ରବାସୀ ଭାରତୀୟ ଦିବସ ଅବସରରେ ବିଜେପି ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗାନ୍ଧୀ ପାର୍କ ପରିସରରେ ଶୁକ୍ରବାର ପ୍ରଥମେ ମହାପୁରଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହାପରେ ମଣ୍ଡଳ ସଭାପତି ସୁବ୍ରତ ମୁଖୀଙ୍କ ନେତୃତ୍ୱ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ୱଚ୍ଛ ଭାରତ ଜିଲ୍ଲା ସଂଯୋଜକ ଶୋଭାବତୀ ଓତା, ଜିଲ୍ଲା ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ ଦେବାନନ୍ଦ ମୁର୍ମୁ, ଜିଲ୍ଲା ଜନଜାତି ମୋର୍ଚ୍ଚା ସଭାପତି ଶ୍ରୀଧର ବେହେରା, ଉପ ସଭାପତି କବିବିଷ୍ଣୁ ଶତପଥୀ, ସୁମନ ସିଂ, ଲକ୍ଷ୍ମୀ ସାହୁ, ଗଣେଶ୍ୱର ସାହୁ, ମମତା ମଣ୍ଡଳ, ଦେବବ୍ରତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।


Sahitya Akademi
Ministry of Culture
Government of India

ସାହିତ୍ୟ ଅକାଦେମି
ଆୟୋଜିତ
ଯୁବ ପୁରସ୍କାର ୨୦୨୪
ଏବଂ
ପୁରସ୍କାର ପ୍ରାପକ ସମ୍ମିଳନୀ
୧୨-୧୩ ଜାନୁଆରି ୨୦୨୫
ଆପଣଙ୍କୁ ସାଦର ଆମନ୍ତ୍ରଣ

ରବିବାର, ୧୨ ଜାନୁଆରି ୨୦୨୫, ସନ୍ଧ୍ୟା ୫ଟା

ଯୁବ ପୁରସ୍କାର ୨୦୨୪
ଅର୍ପଣ ସମାରୋହ
ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରେକ୍ଷାଳୟ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର-୭୫୧୦୦୪
କାର୍ଯ୍ୟସୂଚୀ
ଆବାହନୀ ସଙ୍ଗୀତ
ସ୍ୱାଗତ ଭାଷଣ : କେ. ଶ୍ରୀନିବାସରାଓ
ସଚିବ, ସାହିତ୍ୟ ଅକାଦେମି
ସଭାପତିଙ୍କ ଅଭିଭାଷଣ : ମାଧବ କୌଶିକ
ସଭାପତି, ସାହିତ୍ୟ ଅକାଦେମି
ଯୁବ ପୁରସ୍କାର ୨୦୨୪ ଅର୍ପଣ
ମୁଖ୍ୟ ଅତିଥିଙ୍କ ବକ୍ତବ୍ୟ : ଜେରି ପିଣ୍ଟୋ
ବିଶିଷ୍ଟ ଇଂରାଜୀ କବି
ସମାପନୀ ବକ୍ତବ୍ୟ : କୁମୁଦ ଶର୍ମା
ଉପ-ସଭାପତି, ସାହିତ୍ୟ ଅକାଦେମି

ସୋମବାର, ୧୩ ଜାନୁଆରି ୨୦୨୫, ପୂର୍ବାହ୍ନ ୧୦:୩୦

ପୁରସ୍କାର ପ୍ରାପକ ସମ୍ମିଳନୀ
(ପୁରସ୍କାର ପ୍ରାପକମାନେ ନିଜ ସୃଜନାତ୍ମକ ଅନୁଭବ ପ୍ରକାଶ କରିବେ)
ବୁଦ୍ଧମନ୍ଦିର ସଭାକକ୍ଷ, ପ୍ରଦର୍ଶନୀ ପଡ଼ିଆ ସମ୍ମୁଖ
ମଧୁସୂଦନ ମାର୍ଗ, ୟୁନିଟ-୯, ଭୁବନେଶ୍ୱର- ୭୫୧୦୨୨
ସଭାମୁଖ୍ୟ
କୁମୁଦ ଶର୍ମା
ଉପ-ସଭାପତି, ସାହିତ୍ୟ ଅକାଦେମି

ଯୁବ ପୁରସ୍କାର ୨୦୨୪ ପ୍ରାପକବୃନ୍ଦ
ନୟନଜ୍ୟୋତି ଶର୍ମା (ଅହମିଆ), ସୁତପା ଚକ୍ରବର୍ତ୍ତୀ (ବଙ୍ଗଳା)
ସେଲଫ ମେଡ୍ ରାଣୀ ବୋଡ଼ୋ (ବୋଡ଼ୋ), ହୀନା ଚୌଧୁରୀ (ଡୋଗ୍ରୀ)
କେ. ବୈଶାଳୀ (ଇଂରାଜୀ), ରିଙ୍କୁ ରତେସିଂହ ରାଠୋଡ଼ (ଗୁଜୁରାଟୀ)
ଗୌରବ ପାଣ୍ଡେ (ହିନ୍ଦୀ), ଶ୍ରୁତି ବି.ଆର. (କନ୍ନଡ଼)
ମୋହମ୍ମଦ ଆଶ୍ରଫ ଭଟ (ଆଶ୍ରଫ ଜିୟା) (କଶ୍ମିରୀ), ଅଦ୍ୱୈତ ସାଲଗାଓଁକର (କୋଙ୍କଣୀ)
ରିଙ୍କି ଝା ରିଷିକା (ମୈଥିଳି), ଶ୍ୟାମକ୍ରିଷ୍ଣନ ଆର୍ (ମାଲୟାଲମ)
ୱାଇଖୋମ ଚିଙ୍ଗଖେଙ୍ଗନବା (ମଣିପୁରୀ), ଦେବୀଦାସ ସୌଦାଗର (ମରାଠୀ)
ସୁରଜ ଚାପାଗାଇଁ (ନେପାଳୀ), ସଂଜୟ କୁମାର ପଣ୍ଡା (ଓଡ଼ିଆ), ରଣଧୀର (ପଞ୍ଜାବୀ)
ସୋନାଲି ସୁଥର (ରାଜସ୍ଥାନୀ), ମୁନି ପାର୍ଶ୍ୱସୁନ୍ଦର ବିଜୟଜୀ (ସଂସ୍କୃତ)
ଅଞ୍ଜନ କର୍ମକାର (ସାନ୍ତାଳୀ), ଗୀତା ପ୍ରଦୀପ ରୂପାନି (ସିନ୍ଧି)
ଲୋକେଶ ରଘୁରମଣ (ତାମିଲ), ରମେଶ କାର୍ତ୍ତିକ ନାୟକ (ତେଲୁଗୁ)
ମୋହମ୍ମଦ ଜାଭେଦ ଅହମଦ (ଜାଭେଦ ଅମ୍ବର ମିସବାହୀ) (ଉର୍ଦ୍ଦୁ)

RSVP: 011-23386626/27/28, ROK: 033-24191784/06
Email: secretary@sahitya-akademi.gov.in
Website: www.sahitya-akademi.gov.in


## ୩ ବର୍ଷ ହେଲା କମିଛି ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି ଆୟ

# ୧୦ ବର୍ଷରେ ଆୟ ୧୨୨.୩୧ କୋଟି; ଖର୍ଚ୍ଚ ହୋଇଛି ୮୮.୦୪ କୋଟି ଟଙ୍କା

ବାରିପଦା, ୧୦।୧(ସମିସ)

ଗତ ତିନିବର୍ଷ ହେଲା ମୟୂରଭଞ୍ଜ ଜିଲ୍ଲାରେ ଖଣିଜ ସମ୍ପଦ ପ୍ରତିଷ୍ଠାନ ପାଣ୍ଠି ସଂଗ୍ରହ କମିଛି। ୨୦୧୪-୧୫ ବର୍ଷ ପାଖରୁ ଆରମ୍ଭ ପାଣ୍ଠି ସଂଗ୍ରହ ୧୦ ବର୍ଷ ଅର୍ଥାତ ଚଳିତ ଡିସେମ୍ବର ମଧ୍ୟରେ ୧୨୨.୩୧କୋଟି ଟଙ୍କା ସଂଗ୍ରହ ହୋଇଛି। ତେବେ ଜିଲ୍ଲାର ପ୍ରମୁଖ ଲୁହାପଥର ଉତ୍ପାଦନ ହେଉଥିବା ଖଣି ବନ୍ଦ ଯୋଗୁଁ ୩ବର୍ଷ ମଧ୍ୟରେ ଆୟ ନୈରାଶ୍ୟଜନକ ରହିଛି। ପୂର୍ବରୁ ୨୦୨୧-୨୨ରେ ଆୟ ସର୍ବାଧିକ ୨୩.୧୭କୋଟି ଟଙ୍କା ହୋଇଥିବା ବେଳେ ତା ପରବର୍ଷ ୫ କୋଟିକୁ ଖସିଛି। ୨୦୨୩-୨୪ରେ ୬.୫୯ କୋଟି ଆୟ ହୋଇଥିବା ବେଳେ ୨୦୨୪-୨୫ର ଡିସେମ୍ବର ୨୪ ସୁଦ୍ଧା ମାତ୍ର ୪.୦୭କୋଟି ଟଙ୍କା ଆୟ ହୋଇଛି। ଏହି ପାଣ୍ଠି ଜିଲ୍ଲାର ବିକାଶ ତଥା ଉନ୍ନୟନ କାର୍ଯ୍ୟରେ ବିନିଯୋଗ ହେଉଛି। ସୂଚନା ଅନୁସାରେ, ୧୦ବର୍ଷ ମଧ୍ୟରେ ୮୮.୦୪ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ୩୪.୨୭ କୋଟି ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ିରହିଛି। ତେବେ ସର୍ବାଧିକ ଶିକ୍ଷା କ୍ଷେତ୍ରରେ ୪୦.୦୩ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଶକ୍ତି କ୍ଷେତ୍ରରେ ୧୭.୧୫କୋଟି ବିନିଯୋଗ ହୋଇଛି। ସେହିପରି ସ୍ୱାସ୍ଥ୍ୟ କ୍ଷେତ୍ରରେ ୭.୩୯ କୋଟି, ଜୀବନ ଜୀବିକା ପାଇଁ ୬.୪୪ କୋଟି, ପାନୀୟ ଜଳ ପାଇଁ ୫.୨୦କୋଟି, ପରିମଳ ପାଇଁ ୪.୭୫ କୋଟି, ଭିତ୍ତିଭୂମି ପାଇଁ ୩କୋଟି ଏବଂ ମହିଳା ଓ ଶିଶୁ କଲ୍ୟାଣ ପାଇଁ ୧.୫୪କୋଟି ଟଙ୍କା ବିନିଯୋଗ ହୋଇଛି। ଅପରପକ୍ଷରେ ଦକ୍ଷତା ବିକାଶ, ଗୃହ ନିର୍ମାଣ, ଜଳସେଚନ, କ୍ରୀଡା ଓ ପ୍ରଶାସନିକ ଖର୍ଚ୍ଚ ବାବଦକୁ କୋଟିଏରୁ ତଳକୁ ଲେଖାଏଁ ଅର୍ଥ ବିନିଯୋଗ ହୋଇଛି। ତେବେ ପରିବେଶ ସଂରକ୍ଷଣ ଏବଂ ପ୍ରଦୂଷଣ ନିୟନ୍ତ୍ରଣ, ବୟସ୍କ ଓ ଦିବ୍ୟାଙ୍ଗଙ୍କ କଲ୍ୟାଣ ଏବଂ ବନୀକରଣ କ୍ଷେତ୍ରରେ ୧୦ବର୍ଷ ମଧ୍ୟରେ ଉପରୋକ୍ତ ପାଣ୍ଠିରୁ ଟଙ୍କାଟିଏ ମଧ୍ୟ ବିନିଯୋଗ ହୋଇନାହିଁ। ଏହି ସମୟ ମଧ୍ୟରେ ପ୍ରସ୍ତାବିତ ୬୫୪ଟି ପ୍ରକଳ୍ପରୁ ୬୩୭ଟି ହାତକୁ ନିଆଯାଇଛି। ୨୧୧ଟି ସମ୍ପୂର୍ଣ୍ଣ ଏବଂ ୪୧୫ଟି ନିର୍ମାଣାଧୀନ ରହିଥିବାବେଳେ ୨୮ଟି ପ୍ରକଳ୍ପ ଏଯାଏଁ ଆରମ୍ଭ ହୋଇନି। ତେବେ ଖଣିଜ ପାଣ୍ଠି ଅଭିବୃଦ୍ଧି ନ ଘଟିଲେ ବିନିଯୋଗ ପରବର୍ତ୍ତୀ ସମୟରେ ହ୍ରାସ ପାଇବା ଆଶଙ୍କା ରହିଛି। ଏଥିପ୍ରତି ସରକାର ଦୃଷ୍ଟି ଦେବା ଜରୁରୀ।

- ଖର୍ଚ୍ଚ ନ ହୋଇ ପଡ଼ିରହିଛି ୪୩.୨୭ କୋଟି
- ଶିକ୍ଷା କ୍ଷେତ୍ରରେ ବ୍ୟୟ ସର୍ବାଧିକ; ପରିବେଶ ସଂରକ୍ଷଣ ଓ ପ୍ରଦୂଷଣ ନିୟନ୍ତ୍ରଣରେ ଶୂନ


DRiEMS
UNIVERSITY
ODISHA, TANGI, CUTTACK
ପ୍ରଥମ ସମାବର୍ତ୍ତନ ଉତ୍ସବ
୧୧ ଜାନୁୟାରୀ ୨୦୨୫ (ଶନିବାର)



ମୁଖ୍ୟଅତିଥି
ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ
ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ

# ଚେକ୍ ଡ୍ୟାମ୍ ପାଇଁ ସର୍ଭେ ଆରମ୍ଭ

**କେନ୍ଦୁଝର,୧୦।୧(ସମିସ)**

ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା (ଦିଶା) କମିଟି ବୈଠକରେ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ଯୋଡ଼ା ବ୍ଲକ ନମ୍ବିରା ଗ୍ରାମରେ ଆଡିବନ୍ଧ ନିର୍ମାଣ କରିବାକୁ ପ୍ରସ୍ତାବ ରଖିଥିଲେ। ଚେକ୍‌ଡ୍ୟାମ କରାଗଲେ ଜଳସେଚନ ବ୍ୟବସ୍ଥାର ଭିତ୍ତିଭୂମିର ବିକାଶ, ଜଳ ସଂରକ୍ଷଣ, ରକ୍ଷଣାବେକ୍ଷଣ ଓ ପରିଚାଳନା ହୋଇପାରିବ ବୋଲି ଶ୍ରୀ ମହାକୁଡ଼ କହିଥିଲେ। ବିଧାୟକଙ୍କ ପ୍ରସ୍ତାବ ପରେ କେନ୍ଦୁଝର ଜଳସେଚନ ବିଭାଜନର ଅଧିକ୍ଷଣ ଯନ୍ତ୍ରୀ ଇଂ. ଧାଂଶୁ ଶେଖର ସାହୁ ଚମ୍ପୁଆ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଘଟଣାସ୍ଥଳ ପରିଦର୍ଶନ କରି ରିପୋର୍ଟ ପ୍ରଦାନ କରିବାକୁ କହିଥିଲେ। ଆଜି ଚମ୍ପୁଆ ସବ୍‌ଡିଭିଜନ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ପ୍ରଫୁଲ୍ଲ କୁମାର ସେଠୀଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ଟେକ୍ନିକାଲ ଟିମ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଏହି ଟିମରେ ଯୋଡ଼ା ସହକାରୀ ଯନ୍ତ୍ରୀ ଇଂ ସୁଶାନ୍ତ କୁମାର ନାୟକ ଏବଂ ଅନ୍ୟ କର୍ମଚାରୀ କ୍ଷେତ୍ର ପରିଦର୍ଶନ କରିଥିଲେ। ସ୍ଥାନୀୟ ଚାଷୀ ଅନିରୁଦ୍ଧ ମହାନ୍ତ ଏବଂ ଅନ୍ୟମାନେ ଆଡ଼ିବନ୍ଧ କଲେ ବହୁ ଚାଷୀ ଉପକୃତ ହେବେ ବୋଲି କମିଟି ନିକଟରେ କହିଥିଲେ। ଜଳ ସମସ୍ୟା ହେତୁ ବର୍ଷର ଖରିଫ ସମୟରେ କେବଳ ଧାନ ଚାଷ କରୁଛନ୍ତି। ଅନ୍ୟ ସମୟରେ ଜଳ ଅଭାବରୁ ଚାଷ କରି ପାରୁନଥିବାରୁ ବହୁ ଲୋକ ମୂଲ ଲାଗି ଚଳୁଛନ୍ତି। କ୍ଷୁଦ୍ର ଜଳସେଚନ ବିଭାଜର ଏକ ଟିମ୍ ଗସ୍ତ ସେମାନଙ୍କ ଖୁସିର ସମୟ ବୋଲି ସେମାନେ କହିଛନ୍ତି। ବେତଝରୀ ଚିରସ୍ରୋତା ନାଳର ଅବହାବିକାରେ ନମ୍ବିରା ଗ୍ରାମରେ ଚେକ୍ ଡ୍ୟାମ ହେଲେ ୧୦୦ ହେକ୍ଟର ଜମିରେ ଜଳସେଚନ ହୋଇପାରିବ। ବିଶେଷ କରି ନମ୍ବିରା ଗ୍ରାମର ୭୦ ପ୍ରତିଶତ ଏବଂ ଭଣ୍ଡାରିଡିହା ଗ୍ରାମର ୩୦ ପ୍ରତିଶତ ଚାଷୀ ଉପକୃତ ହେବେ ବୋଲି ଜଣାପଡିଛି। ଟେକ୍ନିକାଲ ଟିମ କ୍ଷେତ୍ର ପରିଦର୍ଶନ ପରେ କ୍ଷୁଦ୍ର ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ନମ୍ବିରା ଗ୍ରାମରେ ବେତଝରୀ ଚିରସ୍ରୋତା ନାଳରେ ସ୍ଥାନୀୟ ଲୋକ ଜଳକୁ ମାଟି ବନ୍ଧ କରି ଏକ କୁଣ୍ଡରେ ଜଳକୁ ଆବଦ୍ଧ କରି ପିଇବା ଏବଂ ଗାଧେଇବା ପାଇଁ ବ୍ୟବହାର କରୁଛନ୍ତି। ଜଳ ଅପଚୟକୁ ରୋକି ତଳ ମୁଣ୍ଡରେ ସେଚ ଜଳର ସୁବ୍ୟନିଯୋଗ କରାଯାଇପାରିବ। ଉକ୍ତ ସ୍ଥାନରେ ୨ଟି ଛୋଟ ପାହାଡ ମଝିରେ ଆଡି ବନ୍ଧ କରାଗଲେ ଚାଷୀମାନେ ଉପକୃତ ହେବା ସହ ବର୍ଷର ସବୁ ସମୟରେ ଚାଷ କରିପାରିବେ। ନମ୍ବିରା ଗ୍ରାମରେ ଅଧିକାଂଶ ଲୋକ ଚାଷ ଉପରେ ନିର୍ଭରଶୀଳ ଅଟନ୍ତି। ଚେକ ଡ୍ୟାମ ହେଲେ ଚାଷୀମାନେ ପାରମ୍ପାରିକ ନାନାବିଧ ଫସଲ ଚାଷ କରି ଲାଭାନ୍ୱିତ ହୋଇପାରିବେ ଏବଂ ନିଜର ଜୀବିକା ନିର୍ବାହ କରିପାରିବେ ବୋଲି ଚମ୍ପୁଆ ବିଧାୟକ ସନାତନ ମହାକୁଡ କହିଛନ୍ତି।



# ଜନଶୁଣାଣି ବିରୋଧରେ ମେଳି

## ପଥର କାଟି ନେଲେ ଶପଥ

କେନ୍ଦୁଝର,୧୦।୧(ସମିସ): କେନ୍ଦୁଝର ସଦର ବ୍ଲକର ମହାଦେଇଯୋଡା ମୌଜାର ଟିକରପଡା ଓ କାଦଗଡ଼ ଠାରେ ଏସାର ମୀନମେଟ୍ କମ୍ପାନୀର ବେନିଫିକେଶନ ପ୍ଲାଣ୍ଟ ପାଇଁ ଆଗାମୀ ୧୮ ରେ ଜନ ଶୁଣାଣି ରହିଛି। ଏହାକୁ ସ୍ଥାନୀୟ ଅଧିବାସୀମାନେ ପ୍ରବଳ ବିରୋଧ କରୁଛନ୍ତି। ଏହି କ୍ରମରେ ଶୁକ୍ରବାର କିଛି ଲୋକ ଟିକରପଡା ଠାରେ ଏକତ୍ରିତ ହୋଇ ଜନଶୁଣାଣି ବିରୋଧରେ ମେଳି କରିବା ସହିତ ଆଦିବାସୀ ପରମ୍ପରା ଅନୁସାରେ ତଳେ ପଥର କାଟିଥିବା ଏକ ସୂତ୍ରରୁ ସୂଚନା ମିଳିଛି। ବିଶ୍ୱାସ ଅନୁସାରେ ଶପଥ ନେଇ ପଥର ତଳେ କାଟିବା ଅର୍ଥ ସମସ୍ତେ ଶପଥ ପାଳନ କରିବା। ଏଠାରେ କାରଖାନା କରାଇ ଦେବେନାହିଁ ବୋଲି ମେଳିରେ ଆଲୋଚନା ହୋଇଥିବା ବେଳେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରିବାକୁ ସେଠାରେ ଆଲୋଚନା ହୋଇଥିବା ସୂଚନା ମିଳିଛି। ଏଥର କିନ୍ତୁ ଯେ କୌଣସି ପ୍ରକାରରେ ଜନଶୁଣାଣି ସଫଳ କରିବାକୁ ଗୋଟିଏ ଗୋଷ୍ଠୀ ପ୍ରଣମୂର୍ଚ୍ଛା ଉଦ୍ୟମ ଚଳାଇଥିବା ବେଳେ ପ୍ରଶାସନ ଚିନ୍ତାରେ ରହିଛି।

# ରୋଟାରୀ କ୍ଲବ ପକ୍ଷରୁ ଶାନ୍ତିସ୍ତମ୍ଭ ସ୍ଥାପନ



**ଯୋଡା,୧୦।୧(ସମିସ):** ବିଲେଇପଦାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଯୋଡା ରୋଟାରୀ କ୍ଲବ ପକ୍ଷରୁ ସ୍ଥାପନ କରାଯାଇଥିବା ଜଳପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ଏଥବରେ ରୋଟାରୀ ଜିଲ୍ଲା-୩୨୬୨ର ଗଭର୍ଣ୍ଣର ଯଜ୍ଞାଶିଷ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବନେଇକଳା ଛକଠାରେ ଏକ ଶାନ୍ତି ସ୍ତମ୍ଭର ମଧ ଉଦ୍‌ଘାଟନ କରିଥିଲେ। ସମଗ୍ର ବିଶ୍ୱରେ ସର୍ବତ୍ର ଶାନ୍ତି ବଜାୟ ରହିବା କାମନା କରି ଏହି ସ୍ତମ୍ଭ ପ୍ରତିଷ୍ଠା କରାଯାଇଥିବା ବେଳେ ଏହାକୁ ଶାନ୍ତିର ପ୍ରତୀକ କପୋତ ଉଡାଇ ଜନସାଧାରଣଙ୍କ ନିମନ୍ତେ ଉତ୍ସର୍ଗ କରିଥିଲେ। ଏହି ଅବସରରେ ସ୍ଥାନୀୟ ବସ୍ତି ବାସିନ୍ଦାମାନଙ୍କୁ କମ୍ବଳ ବଣ୍ଟନ କରିବା ସହିତ ଅଙ୍ଗନବାଡି ଶିଶୁମାନଙ୍କୁ ବ୍ୟାଗ ଓ ପାଠ୍ୟ ଉପକରଣ ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଟ ଗଭର୍ଣ୍ଣର ଡା. ରାଜେନ୍ଦ୍ର ପଲେଇ, ଯୋଡ଼ା ରୋଟାରୀ କ୍ଲବର ସଭାପତି ପ୍ରକାଶ ମହାନ୍ତି, ସମ୍ପାଦକ ସାରଦା ପ୍ରସାଦ ଆଚାର୍ଯ୍ୟ, ପୂର୍ବତନ ସଭାପତି ସ୍ନିଗ୍ଧା କର, ପୂର୍ବତନ ସମ୍ପାଦିକା ରୀନା ସିଙ୍ଗାନିଆ, ବିକାଶ ମହାନ୍ତି, ଜିତେନ୍ଦ୍ର ବୈଦ୍ୟ, ବିଡି ସାହୁ, ସିଦ୍ଧାର୍ଥ ସାରଥି କର, ସୁନିଲ ବାଶୋଡିଆ, ଜୟଶ୍ରୀ ମହାନ୍ତି, ଶ୍ୱେତପର୍ଣ୍ଣ ତ୍ରିପାଠୀ, ପଦ୍ମଲୋଚନ ବେହେରା, ରାକେଶ ସିଙ୍ଗାନିଆ, ସ୍ୱରୂପ ପଣ୍ଡା, ମନୋଜ ଜୟସ୍ୱାଲ, ଦୀପକ ବିହାରୀ, ଦିଲୀପ ରାଉତ, ସୁମନ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ସମାଜସେବୀ ବାବୁଆ ବାନା ଏଥିରେ ସହଯୋଗ କରିଥିଲେ।

**ତ୍ରିବେଣୀ ଆର୍ଥ ମୁଭର୍ସର ନୂଆ ଯୋଜନା**

# ଷ୍ଟକ୍ ସହଭାଗିତାରେ କର୍ମଚାରୀ ସାମିଲ




**ଯୋଡ଼ା,୧୦।୧(ସମିସ):** କର୍ମଚାରୀଙ୍କ ମଧ୍ୟରେ ମାଲିକାନା ଏବଂ ଆତ୍ମୀୟ ଭାବନାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ପଦକ୍ଷେପ ସ୍ୱରୂପ, ତ୍ରିବେଣୀ ଆର୍ଥମୁଭର୍ସ ପ୍ରାଇଭେଟ ଲିମିଟେଡ୍ ତାହାର ସମସ୍ତ କର୍ମଚାରୀଙ୍କ ପାଇଁ କର୍ମଚାରୀ ଷ୍ଟକ୍ ସହଭାଗିତା ଯୋଜନା (ଇଏସଓପି) ଘୋଷଣା କରିଛି। ଆଜି ଓଡ଼ିଶାର କେନ୍ଦୁଝରର ଗୁଆଲିଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ତ୍ରିବେଣୀ ଆର୍ଥମୁଭର୍ସର ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ପି. ଦ୍ୱାରା ଏହି ଯୋଜନା ଜାରି କରାଯାଇଛି। ଏହି ଅବସରରେ, ତ୍ରିବେଣୀ ଆର୍ଥମୁଭର୍ସର ନିର୍ଦ୍ଦେଶକ କହିଛନ୍ତି, ଆମେ ସର୍ବଦା ଆମର କର୍ମଚାରୀମାନଙ୍କୁ ପରିବାର ଭଳି ବିଚାର କରିଆସିଛୁ ଏବଂ ଏହି ଏମ୍ପ୍ଲୟସ ଷ୍ଟକ ଓନରସିପ ପ୍ଲାନ (ଇଏସଓପି) ଜାରି କରିବା ଦ୍ୱାରା ସେମାନଙ୍କ ମଧ୍ୟରେ ମାଲିକାନା ଭାବନା ସୃଷ୍ଟି କରିବାରେ ଏହା ସାହାଯ୍ୟ କରିବ। ଏବେ ତ୍ରିବେଣୀ ସହିତ କୋଡିଏ ହଜାର କର୍ମଚାରୀ ଯୋଡି ହୋଇପାରିଛନ୍ତି। କମ୍ପାନୀ ଏହାର ବ୍ୟବସାୟକୁ ଡିମର୍ଜ କରିବା ପ୍ରକ୍ରିୟା ଆରମ୍ଭ କରିଦେଇଅଛି। ଏହାର କର୍ମଚାରୀମାନଙ୍କୁ ସେୟାର ଅଧିସୂଚନା ପତ୍ର ପ୍ରଦାନ କରିଛି ଏବଂ ଡିମର୍ଜ କମ୍ପାନୀ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ହେବା ପରେ ଏହି ସେୟାରଗୁଡ଼ିକ ଶେଷରେ ବ୍ୟବସାୟ ଯୋଗ୍ୟ ହୋଇପାରିବ। ଏହି ପଦକ୍ଷେପ କମ୍ପାନୀର କର୍ମଚାରୀମାନଙ୍କ ପ୍ରତି ପ୍ରତିବଦ୍ଧତାର ପ୍ରମାଣ। ଏହା କେବଳ କମ୍ପାନୀ ପାଇଁ ଏକ ଉନ୍ନତ ଭବିଷ୍ୟତ ସୃଷ୍ଟି କରିବା ନିମନ୍ତେ ଉଦ୍ଦିଷ୍ଟ ନୁହେଁ, ବରଂ ପ୍ରତ୍ୟେକ କର୍ମଚାରୀ, ଯେଉଁମାନେ ଏହାକୁ ସମ୍ଭବ କରିଛନ୍ତି ସେମାନଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳମୟ କରିବାରେ ସହାୟ ହେବ। ସେୟାର ବିତରଣ, କମ୍ପାନୀର ସଫଳତାରେ ପ୍ରତ୍ୟେକ କର୍ମଚାରୀଙ୍କ ମାଲିକାନାକୁ ପ୍ରତୀକ କରେ। ଏହା ଆଶା କରାଯାଏ ଯେ କମ୍ପାନୀର ବୃଦ୍ଧି ଏବଂ ଉନ୍ନତି ଦ୍ୱାରା ଏହି ଯୋଜନା ସେମାନଙ୍କର ଜୀବନରେ ସମୃଦ୍ଧି, ସୁରକ୍ଷା ଏବଂ ଖୁସି ଆଣିଦେବ। ତ୍ରିବେଣୀର ସମସ୍ତ କର୍ମଚାରୀଙ୍କ ପାଇଁ ଏହି ଅବସର ଅତ୍ୟନ୍ତ ଖୁସି ଏବଂ ଗର୍ବର ମୁହୂର୍ତ୍ତ ଥିଲା। ଯାହା ତ୍ରିବେଣୀର ଇତିହାସରେ ଲିପିବଦ୍ଧ ହୋଇ ରହିବ ବୋଲି ସେମାନେ କହିଥିଲେ।

# ସ୍କୁଲ, ଅଙ୍ଗନବାଡ଼ି ବୁଲିଲେ ଫୁଡ କମିଶନ ସଦସ୍ୟ



**ହାଟଡିହୀ,୧୦।୧(ସମିସ):** ଫୁଡ କମିଶନ ସଦସ୍ୟ ଦୟାନିଧି ଦାଶ ଆଜି ହାଟଡିହୀ ବ୍ଲକର ବିଭିନ୍ନ ସ୍କୁଲ, ଅଙ୍ଗନବାଡ଼ି, ରେସନ ସାମଗ୍ରୀ ବଣ୍ଟନ କେନ୍ଦ୍ର ଆଦି ପରିଦର୍ଶନ କରି ସେଗୁଡିକର ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେ ପ୍ରଥମେ ବୈଦାଖିଆ ସେବାଶ୍ରମ ସ୍କୁଲ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ପାଇଁ ଥିବା ବିଭିନ୍ନ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ବିଦ୍ୟାଳୟରେ କିଚେନ୍ ଗାର୍ଡେନ ନଥିବା, ବିଦ୍ୟାଳୟ ସିସିଟିଭି ଅଚଳ ଥିବା, ବାଳିକା ହଷ୍ଟେଲରେ ଲାଗିଥିବା ଅଗ୍ନି ନିର୍ବାପକ ଗୁଡିକ ଅଚଳ ହୋଇ ପଡିଥିବା ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ଡଙ୍ଗାଚୁଆ, ସଙ୍କଟପାଲିଆ, କୁଶଟିକିରି -୨ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିବା ସହିତ ଅଙ୍ଗନବାଡ଼ି କେନ୍ଦ୍ର ଗୁଡିକର ସୁପରିଚାଳନା ସମ୍ପର୍କରେ ସମୀକ୍ଷା କରିଥିଲେ। ପରେ ହଦଗଡ଼ଠାରେ ଥିବା ମା' ଧାନବେଣୀ ଛତୁଆ ୟୁନିଟ୍ ପରିଦର୍ଶନ କରି ଛତୁଆ ପ୍ରସ୍ତୁତି ଓ ଏହାର ମାନ ପରୀକ୍ଷା କରିଥିଲେ। ପରେ ଧନୁର୍ଜୟପୁର ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ସରପଞ୍ଚ, ପିଇଓଙ୍କ ସହିତ ପିଡିଏସ ସାମଗ୍ରୀର ସୁଷମ ବଣ୍ଟନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପଞ୍ଚାୟତରେ ୨୨୦୮ ଜଣ ହିତାଧିକାରୀ କେୱାଇସି କରି ନଥିବାରୁ ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏଠାରେ ନେଟୱାର୍କ ସୁବିଧା ନଥିବା ଓ ଅନେକ ଲୋକ ବାହାରକୁ ଦାଦନ ଖଟିବାକୁ ପଳାଇ ଥିବାରୁ ଏପରି ସମସ୍ୟା ଦେଖା ଦେଇଥିବା ସରପଞ୍ଚ କହିଥିଲେ। ପରେ ବାଙ୍ଗୋର ବାଳିକା ଉଚ୍ଚବିଦ୍ୟାଳୟ ପରିଦର୍ଶନ କରି ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ତାଙ୍କ ସହିତ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ଉମାମଣୀ ମହାପାତ୍ର, ଉପଖଣ୍ଡ ଯୋଗାଣ ଅଧିକାରୀ ଶିବପ୍ରସାଦ ଶ୍ରୀଚନ୍ଦନ, ବ୍ଲକ ଯୋଗାଣ ଅଧିକାରୀ ସତ୍ୟନାରାୟଣ ପଟ୍ଟନାୟକ, ବ୍ଲକ ମଙ୍ଗଳ ଅଧିକାରୀ ଆକାଶ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ବାଇକ୍ ଉପରେ ଚଢ଼ିଗଲା ବସ୍; ଜଣେ ମୃତ

**ରାମଚନ୍ଦ୍ରପୁର,୧୦।୧(ସମିସ):** କେନ୍ଦୁଝର ସୀମାନ୍ତ ୨୦ ନମ୍ବର ଜାତୀୟ ରାଜପଥ ଅନ୍ଧାରୀ ଛକ ନିକଟରେ ଆଜି ଅପରାହ୍ନ ୧.୩୦ ମିନିଟ୍ ସମୟରେ କେନ୍ଦୁଝର ପଟୁ ଆସୁଥିବା ଅମ୍ବିକା ନାମକ ବସ୍ ଜଣେ ବାଇକ୍ ଆରୋହୀଙ୍କୁ ଧକ୍କା ଦେଇ ଚଢ଼ି ଯିବାରୁ ଘଟଣାସ୍ଥଳରେ ବାଇକ ଆରୋହୀଙ୍କ ପ୍ରାଣବାୟୁ ଉଡି ଯାଇଥିଲା। ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯୁବକ ହେଲେ କୋରେଇ ଥାନା କୟାଁ ଗ୍ରାମର ଦୀପକକୁମାର ମୁଦୁଲି (୩୮) ବୋଲି ଜଣାପଡିଛି। ମୃତ ଦିପକ ନିଜ ବନ୍ଧୁ ଘର ଅନ୍ଧାରି ଗ୍ରାମକୁ ଆସି ଫେରୁଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଅମ୍ବିକା ବସ୍ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଯାଜପୁର କ୍ଷେତ୍ରୀୟ ହସ୍ପିଟାଲକୁ ପଠାଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କୋରେଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ବସ୍‌ଟିକୁ ଜବଦ କରି ନିଜ ହେପାଜତକୁ ନେଇଛି।

# ବାଳିକା ଆତ୍ମରକ୍ଷା ଶିବିର

**କେନ୍ଦୁଝର,୧୦।୧(ସମିସ):** କେନ୍ଦୁଝର ସଦର ବ୍ଲକ ରାଇସୁଆଁ ଠାରେ ଥିବା ରାଇସୁଆଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଟଗାରେ ବାଳିକା ଆତ୍ମରକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରତୀନ୍ଦ୍ର କୁମାର ପରିଡା ଏହି ଶିବିରକୁ ଉଦଘାଟନ କରିଥିଲେ। ସମାଜରେ ସାମ୍ପ୍ରତିକ ପରିସ୍ଥିତିରେ ଦିନକୁ ଦିନ ମହିଳାଙ୍କ ଉପରେ ନିର୍ଯାତନା ବଢୁଥିବାରୁ ଛାତ୍ରୀମାନେ ଆତ୍ମରକ୍ଷା ପ୍ରଶିକ୍ଷଣ ନେବା ନିତ୍ୟାନ୍ତ ଜରୁରୀ ବୋଲି ବକ୍ତବ୍ୟରେ ଅଧ୍ୟକ୍ଷ୍ୟ ଶ୍ରୀ ପରିଡା କହିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଡ. ଆଶିଷ କୁମାର ରାଉତ ବିସ୍ତୃତ ଭାବେ ସମସ୍ତ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ।

# ଆମ୍ ଆଦମୀ ପାର୍ଟିର ବିକ୍ଷୋଭ

**ତୁରୁମୁଙ୍ଗା, ୧୦।୧ (ସମିସ):** କେନ୍ଦୁଝର ଜିଲ୍ଲାର ବିଭିନ୍ନ ସମସ୍ୟାକୁ ନେଇ ୬ ଦଫା ଦାବିରେ ଆମ୍ ଆଦମୀ ପାର୍ଟି ପକ୍ଷରୁ ବିକ୍ଷୋଭ କରାଯାଇଛି। ଖଣି ବହୁଳ କେନ୍ଦୁଝର ଜିଲ୍ଲାବାସୀ ଗମନାଗମନା, ସ୍ୱାସ୍ଥ୍ୟ, ଶିକ୍ଷା, ବିଜୁଳି, ଭତ୍ତା, ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ ଆଦି କ୍ଷେତ୍ରରେ ସମସ୍ୟା ଭୋଗୁଛନ୍ତି। ତେଣୁ ଏଥି ସବୁ ସମସ୍ୟା।ର ସମାଧାନ ପାଇଁ ପାର୍ଟି ପକ୍ଷରୁ ଚେମଣା ଛକରୁ ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ରାଲି କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ପଞ୍ଚାୟତର ଏଡିଓ ମଙ୍ଗୁଲୁ ମହାନ୍ତଙ୍କ ଦାବିପତ୍ର ପ୍ରଦାନ କରାଯାଇଛି। ଯଦି ସମସ୍ୟାର ସମାଧାନ କରା ନ ଯାଏ ତେବେ ଗଣ ଆନ୍ଦୋଳନ କରାଯିବ ବୋଲି ଆମ୍ ଆଦମୀ ପାର୍ଟିର ପାଟଣା ସଭାପତି ଖଗେଶ୍ୱର ମହାନ୍ତ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଲୋକସଭା ସଭାପତି ଭବାନୀ ଶଙ୍କର ମହାନ୍ତ, ପାଟଣା ପ୍ରଭାରୀ ତଥା ଜିଲ୍ଲା ଉପସଭାପତି ଜୈନୁଲ ଆବେଦିନ, ଚିତ୍ତରଞ୍ଜନ ନାଏକ, କୁମତୀ ନାଏକ, ଶକୁନ୍ତଳା ଦେବୀ, ଗୀତାଞ୍ଜଳି ମହାନ୍ତ, ବାସନ୍ତୀ ନାଏକ, ସନାତନ ନାଏକ, ବନବିହାରୀ ନାଏକ ପ୍ରମୁଖ ରାଲିରେ ସାମିଲ ହୋଇଥିଲେ।

# ନରଣପୁର ବିଦ୍ୟାଳୟର ବାର୍ଷିକ ଉତ୍ସବ




**କେନ୍ଦୁଝର,୧୦।୧(ସମିସ):** ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ନରଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓଙ୍କ ସଭାପତିତ୍ୱରେ କେନ୍ଦୁଝର ସାଂସଦ ତଥା ଉକ୍ତ ବିଦ୍ୟାଳୟର ପୂରାତନ ଛାତ୍ର ଅନନ୍ତ ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଡିମ୍ପ୍ରୋସ୍ଥିତ କେଏସ୍‌ଇର ପ୍ରତିଷ୍ଠାତା ଇଂ. ବସନ୍ତ କୁମାର ଦାନୀ, ସମ୍ମାନିତ ଅତିଥିଭାବେ କେନ୍ଦୁଝର ଆଇଟିଡିଏ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ରବିନ୍ଦ୍ର ନାଏକ, ଜିଲ୍ଲା ଶିକ୍ଷା ନିରୀକ୍ଷକ ସଞ୍ଜୟ କୁମାର ଧଳ, ନରଣପୁର ସରପଞ୍ଚ ରୀନା ନାୟକ, ସମାଜସେବୀ ଦିଲ୍ଲୀପ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଭଲ ପାଠପଢି ନିଜ ଜୀବନକୁ ଗଢିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅପରିମିତା ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପରେ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ନରଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ କିଶୋର ଚନ୍ଦ୍ର ରାଉତ ସାଂସଦଙ୍କୁ ସମ୍ବର୍ଦ୍ଧନା ଦେବା ଅବସରରେ ଏକ ବୃକ୍ଷ ଏବଂ ଉତ୍ତରୀୟ ପ୍ରଦାନ କରିଥିଲେ।

# ବିଜେପି ମଣ୍ଡଳ ସଭାପତିଙ୍କ ନାମ ଘୋଷଣା

**ଆନନ୍ଦପୁର,୧୦।୧(ସମିସ):** ବିଜେପି ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଅନୁମୋଦନ କ୍ରମେ ଜିଲ୍ଲା ନିର୍ବାଚନ ଅଧିକାରୀ ସଂଜୀବ ମହାନ୍ତି ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ମଣ୍ଡଳ ସଭାପତିଙ୍କ ନାମ ଘୋଷଣା କରିଥିବା ଜଣାଯାଇଛି। ଆନନ୍ଦପୁର ନଗର ମଣ୍ଡଳ ସଭାପତି ଭାବେ ହେମନ୍ତ ସାହୁ, ବାଲିବରେଇ ମଣ୍ଡଳ ସଭାପତି ଭାବେ ଟିକି କିସ୍କୁ, ବଞ୍ଚୋ ମଣ୍ଡଳ ସଭାପତି ଭାବେ ହରେକୃଷ୍ଣ ସ୍ୱାଇଁ, ବେଲବାହାଳି ମଣ୍ଡଳ ସଭାପତି ଭାବେ ଚନ୍ଦ୍ରମଣୀ ସେଠୀ, ଗୟଳମୁଣ୍ଡା ମଣ୍ଡଳ ସଭାପତି ଭାବେ କାର୍ତ୍ତିକେଶ୍ୱର ମହାନ୍ତ ଏବଂ ହାଟଡିହୀ ମଣ୍ଡଳ ସଭାପତି ଭାବେ ଦୀପକ ଜେନାଙ୍କ ନାମ ଘୋଷଣା କରାଯାଇଛି। ସେହିପରି ମଣ୍ଡଳ ପ୍ରତିନିଧି ଭାବେ ଆନନ୍ଦପୁର ପାଇଁ ବ୍ରଜ କିଶୋର ଦାସ, ବାଲିବରେଇ ପାଇଁ ରାଜେନ୍ଦ୍ର ରାଉତ, ବଞ୍ଚୋ ପାଇଁ ଦେବାଶିଷ ସେନାପତି, ବେଲବାହାଳି ପାଇଁ ସଂଯୁକ୍ତା ସାହୁ, ଗୟଳମୁଣ୍ଡା ପାଇଁ କାର୍ତ୍ତିକେଶ୍ୱର ମହାନ୍ତ ଏବଂ ହାଟଡିହୀ ପାଇଁ ଜଗତଜୀବନ ଗୋଲାମ ଦେବତାଙ୍କ ନାମ ଘୋଷଣା କରାଯାଇଛି।

# ବଣିଆପଙ୍କ ବିଦ୍ୟାଳୟର କ୍ରୀଡ଼ା ଉତ୍ସବ

**ସୋସୋ,୧୦।୧(ସମିସ):** ହାଟଡିହି ବ୍ଲକ ପଡିଆରୀପଲ୍ଲି ପଞ୍ଚାୟତର ବଣିଆପଙ୍କ ନୋଡାଲ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ ଉତ୍ସବକୁ ସିଆର୍‌ସିସି ରବିନାରାୟଣ ଦାସ ମହାପାତ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭିମନ୍ୟୁ ବେହେରା, ଖେଳ ଶିକ୍ଷକ ବସନ୍ତ କୁମାର ପୃଷ୍ଟି, ବରିଷ୍ଠ ଶିକ୍ଷକ ପଙ୍କଜ କୁମାର ରାଉତ ଉପସ୍ଥିତ ରହି କ୍ରୀଡ଼ାକୁ ଶୁଭାରମ୍ଭ କରିଥିଲେ। ରାଜସ୍ମିତା ବେହେରା, ଧରିତ୍ରୀରାଣୀ ବେହେରା, ସୁଜାତା ପାତ୍ର, ରଶ୍ମିତା ପାଣିଗ୍ରାହୀ, ଅନସୁୟା ଜେନା ଆଦି ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ରହି ସହଯୋଗ ଓ ପରିଚାଳନା କରିଥିଲେ।

# ଓଏମ୍‌ସି ବଫର ଜୋନ୍ ଟ୍ରକ୍ ମାଲିକଙ୍କ ବୈଠକ



**କେନ୍ଦୁଝର,୧୦।୧(ସମିସ):** କେନ୍ଦୁଝର ଜିଲ୍ଲାର ଓଏମସି ଖଣି ପ୍ରଭାବିତ ବଫର ଜୋନର ଟ୍ରକ ମାଲିକଙ୍କୁ ନେଇ ପୁରୁଣା ବଜାର ସ୍ଥିତ ବସ୍‌ଷ୍ଟାଣ୍ଡ ହଲଠାରେ ଟ୍ରକ ମାଲିକ ନିହାର ଦାସଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଖଣି ପ୍ରଭାବିତ ବଫର ଜୋନ ଟ୍ରକ୍ ମାଲିକଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ବରିଷ୍ଠ ଟ୍ରକ୍ ମାଲିକ ଗିଟୁ ପଟ୍ଟନାୟକ, କୁନୁ ରାଉତ, ଅମର ପଟ୍ଟନାୟକ, ଗୁନା ସାହୁ, ପ୍ରଣୟ ପାଣି, ପାର୍ଥ ମିଶ୍ର, ରଞ୍ଜନ ତ୍ରିପାଠୀ ପ୍ରମୁଖ ନିଜ ନିଜର ମତ ରଖିଥିଲେ। କେନ୍ଦୁଝର ବୋଫର ଜୋନର ଟ୍ରକ୍ ମାଲିକ ମାନେ କେବଳ ଓଏମ୍‌ସି ଶୁଆକାଟି ଉପରେ ନିର୍ଭରଶୀଳ। କାରଣ ନିକଟରେ ଥିବା ଶ୍ରୀମେଟାଲିକ ପ୍ଲାଣ୍ଟ, ଏମଏସପି ପ୍ଲାଣ୍ଟ, ଆର୍ଡେଣ୍ଟପ୍ଲାଣ୍ଟ, ବ୍ରାଣ୍ଡ ଆଲାଓଜେ ପ୍ଲାଣ୍ଟ ସହିତ ଜିଲ୍ଲାର ଯୋଡ଼ା, ବଡ଼ବିଲ, ଦୈତାରୀ, ବ୍ରାହ୍ମଣିପାଳରେ ଥିବା ପ୍ଲାଣ୍ଟ ଗୁଡିକରେ ବୋଫର ଜୋନର ଥିବା ଗାଡି ମାଲିକଙ୍କୁ କୌଣସି ଲୋଡ୍ ଦିଆଯାଉନାହିଁ। ଅଥଚ ଏହି ପ୍ଲାଣ୍ଟ ଥିବା ଅଞ୍ଚଳର ବହୁ ଟ୍ରକ ମାଲିକ ଜିଲ୍ଲା ଟ୍ରକ ମାଲିକ ସଂଘରେ ରହି ଉଭୟ ପଟୁ ଟ୍ରକ୍ ଲୋଡ଼ ସୁବିଧା ପାଇ ପାରୁଛନ୍ତି। ଯାହାକୁ ନେଇ କେନ୍ଦୁଝର ବଫର ଜୋନର ଟ୍ରକ୍ ମାଲିକମାନେ କ୍ଷୋଭ ପ୍ରକାଶ କରିଛନ୍ତି। କେନ୍ଦୁଝର ବଫର ଜୋନର ଟ୍ରକ ମାଲିକ ମାନେ ଏକତ୍ରିତ ହୋଇ ବଫର ଜୋନକୁ ମାନ୍ୟତା ଦେବା ସହ ଜିଲ୍ଲା ଟ୍ରକ ମାଲିକ ସଂଘ ଶୁଆକାଟି ଯେପରି ସ୍ୱତନ୍ତ୍ର ବ୍ୟବସ୍ଥା କରି ଟୋକନ ଦିଆଯାଉଛି ସେହିପରି ବଫର ଜୋନକୁ ମଧ ଦିଆଯିବାର ବ୍ୟବସ୍ଥା କରିବାକୁ ଦାବି ହୋଇଛି। ବଫର ଜୋନକୁ ସ୍ୱତନ୍ତ୍ର ଲୋଡିଂ ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, କେନ୍ଦୁଝର ସାଂସଦ ଅନନ୍ତ ନାଏକଙ୍କ ସମେତ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଆଦିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବୈଠକରେ ଶିବବ୍ରତ ଧୀର, ପୁପୁନ ପଟନାୟକ, ମନରଞ୍ଜନ ନାୟକ, ରାଜୁ ପାଣିଗ୍ରାହୀ, ପୂର୍ଣ୍ଣ ଚନ୍ଦ୍ର ସାହୁ, ଅରୁଣ ପଟନାୟକ ସହ ତିନିଶହ ଟ୍ରକ୍ ମାଲିକ ଯୋଗ ଦେଇଥିଲେ।

# ୧୨ରେ ଆଞ୍ଚଳିକ ଟ୍ରକ୍ ମାଲିକ ସଂଘର ଆନ୍ଦୋଳନ

**ଚମ୍ପୁଆ,୧୦।୧(ସମିସ):** ଆସନ୍ତା ୧୨ ତାରିଖରୁ ଆଞ୍ଚଳିକ ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ ବିବାଦରେ ଜେଏସ୍‌ପିଏଲର ଟାଲୁଟୁଲ ନିତିକୁ ବିରୋଧ କରି ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି ସମ୍ପାଦକ ରାଜେନ୍ଦ୍ର ବାରିକ। ସଡ଼କ ପଥରେ ୪୦ ପ୍ରତିଶତ ଖଣିଜ ପରିବହନ ପାଇଁ ଆଞ୍ଚଳିକ ଟ୍ରକ ମାଲିକ ସଂଘ ପକ୍ଷରୁ ଗତ ଡିସେମ୍ବର ୧୫ରେ ଏକ ଦାବିପତ୍ର ଜେଏସ୍‌ପିଏଲ ଦେଓଝରକୁ ଦିଆଯାଇଥିଲା। ୨୦୨୫ ଜାନୁଆରୀ ୧୧ ତାରିଖ ମଧ୍ୟରେ ଏ ସମସ୍ୟାର ସମାଧାନ କରିବାକୁ କମ୍ପାନୀ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ମଧ ମିଳିଥିଲା। କିନ୍ତୁ କମ୍ପାନୀର ନିଦ ଏ ପର୍ଯ୍ୟନ୍ତ ଭାଙ୍ଗିନାହିଁ। ଫଳରେ ଟ୍ରକ୍ ମାଲିକମାନଙ୍କ ସମସ୍ୟା ଅନ୍ଧକାର ମଧ୍ୟକୁ ଠେଲି ହେଇଯାଇଛି। ସେମାନଙ୍କ ପ୍ରମୁଖ ଦାବି ଅନୁଯାୟୀ ସଡ଼କ ପଥରେ ୪୦ ପ୍ରତିଶତ ଖଣିଜ ପରିବହନ ଓ ଜିନ୍ଦଲ କମ୍ପାନୀ ଉଚିତ ଭଡ଼ା ପ୍ରଦାନରେ ଟାଲଟୁଲ ନୀତି ଯୋଗୁଁ ଏବେ ଟ୍ରକ୍ ମାଲିକ ମାନେ ହରଡ଼ ଘଣାରେ। ସମୟସୀମା ପୂରିବାକୁ ଯାଉଥିବାରୁ ସେମାନେ ଜାନୁଆରୀ ୧୨ ତାରିଖରୁ ଜିନ୍ଦଲ ଗେଟ୍ ସମ୍ମୁଖରେ ଧାରଣାରେ ବସିବାକୁ ନିଷ୍ପତି ନେଇଛନ୍ତି। କମ୍ପାନୀ ଭିତରକୁ କିମ୍ବା ବାହାରକୁ କୌଣସି ଜିନିଷ ପରିବହନକୁ ସମ୍ପୂର୍ଣ୍ଣ ଠପ କରିବାକୁ ନିଷ୍ପତି ନେଇଛନ୍ତି। ସେମାନଙ୍କର କହିବା କଥା ସଡ଼କ ପଥରେ ୪୦ ପ୍ରତିଶତ ପରିବହନ ସହ ରେଳ ଯୋଗେ ପାଇପ ଓ ଟ୍ରଲର ମାଧ୍ୟମରେ ବାକି ୬୦ ପ୍ରତିଶତ ପରିବହନ କରାଯାଉ। କିନ୍ତୁ କ୍ରମାଗତ ଭାବେ କମ୍ପାନୀ ପ୍ରତାରଣର ଶିକାର ହେଉଥିବା ହଜାର ହଜାର ଟ୍ରକ୍ ମାଲିକ ମାନଙ୍କ ସହ ଏହି ପରିବହନ ବ୍ୟବସାୟରେ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ ଥିବା ବ୍ୟବସାୟ ଓ ସେମାନଙ୍କ ପରିବାର ବର୍ଗ ହତାଶରେ ଜୀବନ କାଟୁଛନ୍ତି। ଜେଏସପିଏଲର ଟାଲଟୁଲୁ ନିତି ଯୋଗୁଁ ମାଲିକମାନେ ନାନା ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଏ ନେଇ ସଂଘ ଜିଲାପାଳ, ଏସପି, ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବା ସହ ଆଜି ଟ୍ରକ୍ ମାଲି ସଂଘ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଛି।

# ରାସ୍ତାକାମକୁ ବିରୋଧ କରିବାରୁ ଥାନାରେ ଏତଲା

**ହାଟଡିହୀ/ସୋସୋ,୧୦।୧(ସମିସ)**



ହାଟଡିହୀ ସ୍ଥିତ ରାଜ୍ୟ ରାଜପଥ ଠାରୁ ଏଲକଣା ରାସ୍ତାର ପିଚୁ କାମ ଚାଲିଥିଲା ବେଳେ ନିର୍ମାଣ କାର୍ଯ୍ୟକୁ ବିରୋଧ କରିବାରୁ କାମ କରାଉଥିବା ସମ୍ପୃକ୍ତ ବ୍ୟକ୍ତି ଥାନାର ଦ୍ୱାରସ୍ଥ ହୋଇଥିବା ଜାଣିବାକୁ ମିଳିଛି। ଅଭିଯୋଗ ଅନୁସାରେ, ହାଟଡିହୀ ବ୍ଲକ ଅନ୍ତର୍ଗତ ଆନନ୍ଦପୁର-ଭଦ୍ରକ ରାସ୍ତାର ୫୩ନଂ ରାଜ୍ୟ ରାଜପଥ ଠାରୁ ଭାୟା ଏଲକଣା, ବର୍ଦ୍ଧନପୁର ଦେଇ ଗୁହାଳଗଡ଼ିଆ ଗ୍ରାମକୁ ସଂଯୋଗୀକରଣ ହେଉଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନବନିର୍ମିତ ରାସ୍ତାରେ ଆଜି ପିଚୁ କାମ ହେଉଥିବା ସମୟରେ ଗୁହାଳଗଡ଼ିଆ ଗ୍ରାମର ପୂର୍ବତନ ୱାର୍ଡ଼ସଭ୍ୟ ହରିହର ଜେନାଙ୍କ ସହ ଗ୍ରାମର ନୃସିଂହ ଚରଣ ଜେନା ପିଚୁ ଗାଡ଼ିକୁ ଅଟକାଇବା ସହ କାର୍ଯ୍ୟ କରାଉଥିବା ସମ୍ପୃକ୍ତ ବଳରାମ ସାହୁଙ୍କୁ ମାରିବାକୁ ଧମକ ଦେବାରୁ ଏନେଇ ବଳରାମ ନନ୍ଦିପଦା ଥାନାର ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଯୋଗ୍ୟ, ବଳରାମ ସାହୁଙ୍କ ଠାରୁ ହରିହର ଜେନା ରାସ୍ତା କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀରୁ ୧ଟ୍ରିପ ନେଇଥିଲା ବେଳେ ଆଜିଯାଏଁ ଉକ୍ତ ସାମଗ୍ରୀର ମୂଲ୍ୟ ଦେଇନାହାଁନ୍ତି। ଆଜି ଦେବି କାଲି ଦେବି କହି ୩ମାସ ହେଲା ଠକେଇ ଚାଲିଛନ୍ତି ବୋଲି ବଳରାମ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଆମ କଥାରେ କାମ ନହେଲେ ଏଠି କାମ କରାଇ ଦିଆଯିବ ନାହିଁ ବୋଲି ଉଭୟ ହରିହର ଓ ନୃସିଂହ ଜେନା ଧମକ ଦେବାରୁ ବଳରାମ ବାଧ ହୋଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏପଟେ ଆଜି ପିଚୁ କାମ ପାଇଁ ଆସିଥିବା ୩ଟ୍ରିପ ପିଚୁ ଗାଡ଼ିକୁ ହରିହର ଜେନା ଫେରାଇ ଦେବାରୁ ତାହା ଥଣ୍ଡା ହୋଇ ସମ୍ପୂର୍ଣ୍ଣ ନଷ୍ଟ ହେବାରୁ ବଳରାମଙ୍କର ଅଢ଼େଇ ଲକ୍ଷ ଟଙ୍କା କ୍ଷତି ହୋଇଥିବା ନେଇ ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ସେପଟେ ବଳରାମ କିପରି ତାଙ୍କ କ୍ଷତିର ଭରଣା ପାଇବେ ଏବଂ ଉକ୍ତ ରାସ୍ତାକାମଟି କିଭଳି ଶାନ୍ତିଶୃଙ୍ଖଳାର ସହ ହୋଇପାରିବ ସେନେଇ ସୁରକ୍ଷା ଦିଗରେ ସେ ନନ୍ଦିପଦା ପୁଲିସକୁ ବିନମ୍ର ନିବେଦନ କରିଛନ୍ତି।

## ଚାଷୀଙ୍କୁ ଡାଲି ଜାତୀୟ ବିହନ ବଣ୍ଟନ

**ତେଲକୋଇ,୧୦।୧(ସମିସ):** ତେଲକୋଇ ବ୍ଲକ ସଦମହକୁମା ତେଲକୋଇ ଓ ତେଲକୋଇ ଗ୍ରାମ ପଞ୍ଚାୟତର ହାଲପୋଡ଼ି ଗ୍ରାମର ଚାଷୀମାନଙ୍କୁ ଡାଲି ଜାତୀୟ ବିହନ ବୁଟ ବଣ୍ଟନ କରାଯାଇଛି। ଏହି ବଣ୍ଟନ ବେଳେ ଚାଷୀଙ୍କୁ କୃଷି ଅଧିଦର୍ଶକ ମନୋଜ କୁମାର ଦାସ ଚାଷ କିପରି କରିବେ ଓ ଔଷଧର ବ୍ୟବହାର ଉପରେ ସମ୍ୟକ୍ ଧାରଣା ଦେଇ ଥିଲେ। ବୁଟ ବିହନର ଉତ୍ପାଦନ କିପରି ବୃଦ୍ଧି ହେବ ତାହା ଉପରେ ଆଲୋକପାତ କରିଥିଲେ। ଏହି ବଣ୍ଟନରେ କୃଷକ ସାଥୀ ବିଜୟ କୁମାର ସାହୁ ଓ ଭୀମସେନ ନାୟକ ଚାଷୀଙ୍କୁ ବିହନ ଯୋଗାଇବାରେ ସହାୟକ ହୋଇଥିଲେ। ସେହିପରି ତେଲକୋଇ ପଞ୍ଚାୟତର ଅନ୍ୟ ଗ୍ରାମର ଚାଷୀଙ୍କୁ ଡାଲି ଜାତୀୟ ବିହନ ଯୋଗାଇ ଦେବାର ଯୋଜନା ରହିଥିବା କୃଷି ଅଧିଦର୍ଶକ ଶ୍ରୀ ଦାସ ସୂଚନା ଦେଇଛନ୍ତି।

## ସାଇଁକୁଳ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ରାମଚନ୍ଦ୍ରପୁର,୧୦।୧(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ସାଇଁକୁଳ ସରକାରୀ ଆଶ୍ରମ ବିଦ୍ୟାଳୟ ପରିସରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ଝରଣା ପାଗଳଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ବିଜୟକୁମାର ପୂର୍ତ୍ତୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଶରତ ଚନ୍ଦ୍ର ରାଉତ, ସିଆରସିସି ପ୍ରାଣନାଥ ଜେନା, ବିଦ୍ୟାଳୟ ସଭାପତି ମିଟୁ ଶର୍ମା ଏବଂ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଗୋପାଳଚନ୍ଦ୍ର ପରିଡା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଆନନ୍ଦଚନ୍ଦ୍ର ରାଉତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଶିକ୍ଷକ ସନ୍ତୋଷ କୁମାର କର ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ରାଜ୍ୟସ୍ତରରେ ସୁନାମ ଆଣିଥିବା କୃତୀ ଛାତ୍ର ଚନ୍ଦନ ପରିଡ଼ାକୁ ଅତିଥି ସ୍ୱତନ୍ତ୍ର ଭାବେ ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାର୍ଷିକ ଉତ୍ସବ ପରିଚାଳନାରେ ଶିକ୍ଷକ ଆନନ୍ଦଚନ୍ଦ୍ର ରାଉତ, ଶିକ୍ଷୟିତ୍ରୀ ବିଗିପ୍ତା ଦାସ, ସସ୍ମିତା ସାହୁ, ପ୍ରଶନ୍ନକୁମାର ମାଝୀ, ସୁକାନ୍ତି ସେଠୀ, ବୈଦେଇ ଖଟୁଆ, ଭାନୁମତୀ ଖଟୁଆ, ଆଦିକନ୍ଦ ବେହେରା, ରାଜେଶ ଖଟୁଆ, ସୋନୁ ଦେହୁରୀ, କହ୍ନେଇ ଖଟୁଆ ସୂଚୀସ୍ମିତା କର, ଏଏନ୍‌ଏମ୍ ସୁଶ୍ରୀ ସରିତା ନାଏକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ଆନନ୍ଦପୁର ମହାବିଦ୍ୟାଳୟରେ ଆଲୋଚନାଚକ୍ର



**ଆନନ୍ଦପୁର,୧୦।୧(ସମିସ):** ଆନନ୍ଦପୁର ମହାବିଦ୍ୟାଳୟରେ ବାଣିଜ୍ୟ ବିଭାଗର ଆଲୋଚନାଚକ୍ରକୁ ମହାବିଦ୍ୟାଳୟର ଅଧକ୍ଷ ଡ. ନାରାୟଣ ମିଶ୍ର ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବାଣିଜ୍ୟ ବିଭାଗର ବିଭାଗୀୟ ମୁଖ୍ୟ ପ୍ରାଧାପକ ନାରାୟଣ ଦାଶଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ପ୍ରାଧାପକ ପ୍ରଦୀପ କୁମାର ଧଳ, ଶ୍ରୀକାନ୍ତ ପଟେଲ, ମାୟାଧର ନାୟକ, ପ୍ରିୟସାରଥି ମହାପାତ୍ର, ସୁଶ୍ରୀ ହେମା ଗୁପ୍ତା ଯୋଗ ଦେଇଥିଲେ। ଛାତ୍ର ଶିବାଶିଷ ସ୍ୱାଇଁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଆଲୋଚନାରେ କୁଶ ହାଁସଦା, ଆଶିଷ କୁମାର ପାଲ୍, ମୁରାରୀ ମନୋହର ଧୀର, ପଦ୍ମନାଭ ସାହୁ ଭାଗ ନେଇଥିଲେ। ଛାତ୍ରଛାତ୍ରୀ ଏହି ଶୀର୍ଷକ ଉପରେ ନିଜର ମତ ରଖିଥିଲେ। ଛାତ୍ରଛାତ୍ରୀଙ୍କର ଜ୍ଞାନର ବିକାଶ, କଥନ ଶୈଳୀ, ଦକ୍ଷତାର ବିକାଶ ନିମନ୍ତେ ବାଣିଜ୍ୟ ବିଭାଗ ସଦାସର୍ବଦାତତ୍ପର୍ ରହି ଏହିପରି କାର୍ଯ୍ୟକ୍ରମ ଆଗରୁ କରିଆଶିଛି ଏବଂଆଗକୁ ଜାରି ରଖିବ। ଶୁଚିସ୍ମିତା ଆଇଚ ଧନ୍ୟବାଦ ଅର୍ପଣ କରିଥିଲେ।

## ମକରମେଳା ପାଇଁ ସଜେଇ ହେଲାଣି ବଉଳାଶୁଣି ପୀଠ



**ବେଲବାହାଳି,୧୦।୧(ସମିସ):** ଆଉ ଦିନ କେତୋଟି ପରେ କେନ୍ଦୁଝରର ପ୍ରସିଦ୍ଧ ମକରମେଳା। ଏଥିପାଇଁ ସାରା ଜିଲ୍ଲାର ବିଭିନ୍ନ ଦେବା ଦେବୀ ଙ୍କ ପୀଠରେ ପ୍ରସ୍ତୁତି ଜୋରଦାର ହେବାରେ ଲାଗିଛି। ସେହିପରି ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଳି ଗ୍ରାମର କିମ୍ଭୀରାସାହିର ମା' ବଉଳାଶୁଣି ପୀଠରେ ୪୨ତମ ମକର ମହୋତ୍ସବ ପାଇଁ ପୂରା ମନ୍ଦିରକୁ ସୁସଜ୍ଜିତ କରୁଥିବା ଦେଖିବାକୁ ମିଳୁଛି। ମନ୍ଦିରର ପ୍ରତିଷ୍ଠାତା ବିଦ୍ୟାଧର ମଣ୍ଡଳଙ୍କ ନେତୃତ୍ୱରେ ଚଳିତ ବର୍ଷ ମହୋତ୍ସବକୁ ଆକୃଷ୍ଟ କରିବା ପାଇଁ ହରିହାଟ ସାଙ୍ଗକୁ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହା ସହିତ ପୂର୍ବ ସଂସ୍କୃତି ଓ ପରମ୍ପରାକୁ ବଜାଇ ରଖିବା ପାଇଁ ଜିଲ୍ଲା ବାହାରୁ ଆସୁଥିବା ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା ପ୍ରତ୍ୟେକ ଦିନ ସନ୍ଧ୍ୟାରେ 'ରାମ ଜନ୍ମ, ରାବଣବଧ, ଇନ୍ଦ୍ରଜିତ ବଧ ଭଳି ବିଭିନ୍ନ ପ୍ରକାରର ନାଟକର ପରିବେଷଣ କରାଯିବ। ପ୍ରତିଦିନ ସନ୍ଧ୍ୟାରେ ହଜାର ହଜାର ଲୋକଙ୍କ ଭିଡ ଓ ଶାନ୍ତି ଶୃଙ୍ଖଳାକୁ ଆଖି ଆଗରେ ରଖି କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା କମିଟିର ସଭାପତି ଅନାଦି ଚରଣ ସାହୁ ଓ ସମ୍ପାଦକ ସନାତନ ସାହୁ ଦୃଷ୍ଟି ଦେଇଛନ୍ତି। ଏଥିରେ କମିଟିର ସଦସ୍ୟ ଆନନ୍ଦ ସାହୁ, ସୁଦାମ ସାହୁ, ବାବାଜୀ ସାହୁ, ପଞ୍ଚାନନ ସାହୁ, ରବୀନ୍ଦ୍ର ସାହୁ, ଜୟରାମ ସାହୁ, ଈଶ୍ୱର ସାହୁ, କବିନ୍ଦ୍ର ସାହୁ ଚିନ୍ତାମଣି ସାହୁ, ମୀନକେତନ ସାହୁ ପ୍ରମୁଖ ସହଯୋଗ କରୁଛନ୍ତି।

### କେନ୍ଦୁଝରରେ ଆରମ୍ଭ ହେଲା ରଙ୍ଗ ବଦଳା କାମ

# ଗେରୁଆ ହେଲା ମେଡିକାଲ କଲେଜ







**କେନ୍ଦୁଝର,୧୦।୧(ସମିସ):** ରାଜ୍ୟରେ ସରକାର ବଦଳିବା ପରେ ରଙ୍ଗ ବଦଳା କାମ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀଙ୍କର ନିଜ ନିର୍ବାଚନ ମଣ୍ଡଳୀ ତଥା ଜିଲ୍ଲା ମୁଖ୍ୟାଳୟରେ ଏହା ଦେଖିବାକୁ ମିଳିଲାଣି। କିଛିଦିନ ତଳୁ ନୂତନ ଭାବେ ଉଦଘାଟିତ ଧାରଣୀଧର ଭେଷଜ ମହାବିଦ୍ୟାଳୟର ପାଚେରି ଏବଂ ଫାଟକର ରଙ୍ଗ ଇତିମଧ୍ୟରେ ସବୁଜରୁ ଗେରୁଆ ହୋଇସାରିଲାଣି। ଆଉ ଅଳ୍ପଦିନରେ ସମ୍ପୂର୍ଣ୍ଣ ମେଡିକାଲ କୋଠା ରଙ୍ଗ ବଦଳି ଗେରୁଆ ହୋଇପାରେ। କେବଳ ମେଡିକାଲ କଲେଜ ପାଚେରି ନୁହେଁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ନୂତନ ଭାବେ ନିର୍ମିତ ହୋଇଥିବା କୃଷି ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ରଙ୍ଗ ସବୁଜ ଥିଲା। ଏବେ ଗେରୁଆ କରାଯାଉଛି। ଏଇଭଳି ଭାବେ ଜିଲ୍ଲା ମୁଖ୍ୟାଳୟର ଅନେକ କାର୍ଯ୍ୟାଳୟ, ସରକାରୀ ଆବାସର ରଙ୍ଗ ମଧ୍ୟ ବଦଳିବା ଆରମ୍ଭ ହେଲାଣି। ସବୁଠାରୁ ଆଶ୍ଚର୍ଯ୍ୟର କଥା ଏହା ଯେ ଅଳ୍ପଦିନ ତଳେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ହୋଇଥିବା ରଙ୍ଗ ଖରାପ ହୋଇନଥିବା ବେଳେ କାହିଁକି ବଦଳା ଯାଉଛି ତାହା ବୁଝାପଡୁନି। ରଙ୍ଗ ବଦଳିବାରେ ଯେତିକି ଖର୍ଚ୍ଚ ହେଉଛି ସେହି ଅର୍ଥରେ ଅନ୍ୟାନ୍ୟ ଉନ୍ନୟନ କାମ ହୋଇପାରନ୍ତା। ମାତ୍ର ତାହା ନହୋଇ କେବଳ ରଙ୍ଗ ବଦଳରେ ଅର୍ଥ ଅପଚୟକୁ ସାଧାରଣ ଲୋକେ ନାପସନ୍ଦ କରୁଛନ୍ତି। ଜିଲ୍ଲାମୁଖ୍ୟାଳୟରେ ଟ୍ରାଫିକ ସମସ୍ୟା ଜଟିଳ ହେଲାଣି। ସହରରେ ଆଦୌ ପାର୍କିଂ ବ୍ୟବସ୍ଥା ନାହିଁ। ଲୋକେ ବାଧ ହୋଇ ରାସ୍ତା ଉପରେ ଗାଡିମୋଟର ଥୋଇ ଚାଲିଛି ଯାଉଛନ୍ତି। ଅବସ୍ଥା ଏପରି ହେଲାଣି ଆମ୍ବୁଲାନ୍ସ ମଧ ଯିବାକୁ ଅନେକ ସମୟ ଲାଗୁଛି। ସହରରେ ଯିଏ ଦୋକାନ ବଜାର କଲା ଆଦୌ ପାର୍କିଂ କରୁନାହାନ୍ତି। କହିବାକୁ କେହିନାହିଁ। ଏଥିପ୍ରତି ଅଧିକ ଧ୍ୟାନ ନଦେଇ କେବଳ ପୁରୁଣା ରଙ୍ଗ ଉପରେ ନୂଆ ରଙ୍ଗ ବୋଳିବା କ'ଣ ବିକାଶ କି ବୋଲି ସାଧାରଣରେ ଆଲୋଚନା ହେଉଛି।

## ସାଇଁକୁଳକୁ ନୂତନ ବ୍ଲକ୍ ମାନ୍ୟତା ଦାବି

**ରାମଚନ୍ଦ୍ରପୁର,୧୦।୧(ସମିସ):** ଓଡିଶା ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ବ୍ଲକ ପୁନର୍ଗଠନ ସୂଚୀରେ ଘସିପୁରା ଆସୁଥିବାରୁ ଘସିପୁରା ବ୍ଲକର ବିଭିନ୍ନ ଅଞ୍ଚଳରୁ ପୁନର୍ଗଠନ ଦାବି ଦିନକୁ ଦିନ ଜୋର୍ ହେଲାଣି। ୨ ଅକ୍ଟୋବର ୧୯୫୫ ମସିହାରେ ଘସିପୁରା ବ୍ଲକ ଗଠିତ ହୋଇଥିବା ସମୟରେ ଏହାର ଜନସଂଖ୍ୟା ଏକଲକ୍ଷ ଠାରୁ କମ୍ ଥିବା ବେଳେ ବର୍ତ୍ତମାନର ଜନସଂଖ୍ୟା ପ୍ରାୟତଃ ଏକଲକ୍ଷ ଷାଠିଏ ହଜାରରୁ ଅଧିକ। ଏହି ବ୍ଲକର କ୍ଷେତ୍ରଫଳ ପ୍ରାୟ ୪୨୫ ବର୍ଗ କିମି। ଭୌଗୋଳିକ ଦୃଷ୍ଟିରୁ ବ୍ଲକ ଅଫିସ୍ ଠାରୁ ଅନେକ ସୀମାନ୍ତ ଗ୍ରାମପଞ୍ଚାୟତର ଦୂରତା ୨୦ରୁ ୨୫କିମି ହୋଇଥିବାରୁ ସେହି ପଞ୍ଚାୟତର ଜନସାଧାରଣଙ୍କ ନିକଟରେ ସରକାରୀ ତଥା ପ୍ରଶାସନିକ ସେବା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପହଞ୍ଚିବାରେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ସରକାରଙ୍କ ବିକାଶ ଧାରାକୁ ସହଜଲଭ୍ୟ କରିବା ସହ ଭୌଗୋଳିକ ତାରତମ୍ୟ ଓ ଘନ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟରେ ବ୍ଲକ ସଂଖ୍ୟା ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ନୀତିଗତ ନିଷ୍ପତ୍ତି ନେଇଥିବା ଜଣାଯାଉଛି। ଘସିପୁରା ବ୍ଲକର ପୁନର୍ଗଠନ ସମୟରେ ଘସିପୁରାର ଅନ୍ୟତମ ସାଂସ୍କୃତିକ ତଥା ରାଜନୈତିକ ପ୍ରାଣକେନ୍ଦ୍ର ସାଇଁକୁଳକୁ ବ୍ଲକର ମାନ୍ୟତା ପ୍ରଦାନ କରିବା ପାଇଁ ସାଧାରଣରେ ଜନମତ ଜୋର୍ ଧରିଛି। ସାଇଁକୁଳ ଆଞ୍ଚଳିକ ନାଗରିକ ମଞ୍ଚର ମୁରବୀ ଅନନ୍ତ ଚରଣ ସ୍ୱାଇଁଙ୍କ ସଭାପତିତ୍ୱରେ ସାଇଁକୁଳ ଦୁର୍ଗା ମଣ୍ଡପ ନିକଟରେ ଏକ ପ୍ରାଥମିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୌଗୋଳିକ ଦୃଷ୍ଟିକୋଣରୁ ସାଇଁକୁଳ ମଧ ଦେଇ ୨୦ନମ୍ବର ଜାତୀୟ ରାଜପଥ ଅତିକ୍ରମ କରିଛି। ଏହି ରାଜସ୍ୱ ଗ୍ରାମର କ୍ଷେତ୍ରଫଳ ପ୍ରାୟ ୧୦ ବର୍ଗ କିମି ହୋଇଥିବା ବେଳେ ଘସିପୁରା ବ୍ଲକ ଅଫିସ୍‌ଠାରୁ ଏହା ୧୩ କିମି ଦୂରରେ ଅବସ୍ଥିତ। ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ରରେ ସାଇଁକୁଳ ପ୍ରାୟ ୧୩ ଗୋଟି ପଞ୍ଚାୟତର କେନ୍ଦ୍ରସ୍ଥଳ। ପ୍ରାୟ ୮୦ରୁ ୯୦ ହଜାର ଲୋକ ପରୋକ୍ଷ ଏବଂ ପ୍ରତ୍ୟକ୍ଷ ଭାବେ ଏହି ବଜାର ଉପରେ ନିର୍ଭରଶୀଳ। ସେଥିପାଇଁ କୁଶଭଦ୍ରା ନଦୀର ପୂର୍ବ ପାଶ୍ୱର୍ରେ ଅବସ୍ଥିତ ୧୩ଗୋଟି ବିଭକ୍ତ ଓ ଅବିଭକ୍ତ ପଞ୍ଚାୟତକୁ ନେଇ ସାଇଁକୁଳ ବ୍ଲକ ଗଠନ କରିବା ପାଇଁ ସରକାରଙ୍କ ଠାରେ ଦାବି ଉପସ୍ଥାପନ କରିବା ପାଇଁ ସଭାର ଆବାହକ ବ୍ରହ୍ମାନନ୍ଦ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। ଏହି ସଭାରେ ବିପିନ ବିହାରୀ ଚକ୍ର, ନିର୍ମଳ ବେହେରା, ମଦନ ମୋହନ ସା, ଯଦୁନାଥ ମଲ୍ଲିକ, ହିମାଂଶୁ କୁଅଁର, ବିପିନ ବିହାରୀ ମାଝୀ, ମନୋଜ ଜେନା, ପ୍ରଫୁଲ୍ଲ ବେହେରା, ନବଘନ ରାଉତ, ଟୁଟୁ ବୋଇତେଇ, ନବଘନ କବି। ଗୌରାଙ୍ଗ ଚରଣ ବେହେରା, ଦୟାନିଧି ତ୍ରିପାଠୀ, ସନତ ରଥ, କୁଳମଣି ପରିଡା, ସନ୍ତୋଷ ସ୍ୱାଇଁ, ଅଶୋକ ଘଡେଇ ,ବ୍ରହ୍ମାନନ୍ଦ ସାମଲ, ବିଷ୍ଣୁ ସାମଲ, ତାରିଣୀ ପରିଡ଼ା, କମଳ ଲୋଚନ ପରିଡା,ବିମ୍ବାଧର ପରିଡା, ପବିତ୍ର ଯେନା, ପ୍ରହ୍ଲାଦ ଦେହୁରୀ, ଅଦୈତ ଯେନା ଓ ଦୂରନ୍ତ ଧଳ ପ୍ରମୁଖ ସ୍ଥାନୀୟ ଅଞ୍ଚଳର ଶତାଧିକ ବୁଦ୍ଧିଜୀବୀ ଯୋଗଦାନ କରିଥିଲେ।

## ଯୋଡ଼ାରେ ଠାକୁରାଣୀ ଓଷା



**ଯୋଡା,୧୦।୧(ସମିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ସହରର ଭୂୟାଁ ବସ୍ତିରେ ଶୁକ୍ରବାର ଠାକୁରାଣୀ ଓଷା ପର୍ବ ପାଳିତ ହୋଇଯାଇଛି। ସମ୍ପୂର୍ଣ୍ଣ ନିଆରା ଢଙ୍ଗରେ ପ୍ରତି ବର୍ଷ ପରି ଚଳିତ ପୌଷ ମାସରେ ମା' ଠାକୁରାଣୀଙ୍କ ଓଷା ପର୍ବ ପାରମ୍ପରିକ ରୀତିରେ ପାଳନ କରାଯାଇଥିଲା। ମା'ଙ୍କ ଏହି ପୂଜା ବିଧି ସମ୍ପର୍କରେ କୋଠିଶାଳର ଦେହୁରୀ ସୂଚନା ଦେଇ କହିଛନ୍ତି ଯେ, ପାରମ୍ପରିକ ରୀତି ଅନୁଯାୟୀ ମା'ଙ୍କ ବସ୍ତ୍ର, ଅଳଙ୍କାର, ସିନ୍ଦୁର, ଅଳତା, ମୟୂର ପକ୍ଷୀ ପ୍ରଭୃତି ପୂଜା ସାମଗ୍ରୀ ନେଇ ସାହି ବସ୍ତିର ଲୋକେ ମେଳି ବାନ୍ଧି ଆସେଇଁକଳାରୁ ମା'ଙ୍କୁ ଆଣି କୋଠିଶାଳରେ ୯ ଦିନ ପୂଜା କରା ଯିବା ପରେ ଶୁକ୍ରବାର ମା'ଙ୍କ ଓଷା ପର୍ବ ପାଳନ କରାଯାଇଥିଲା। ଏହି ପୂଜାରେ ମାନସିକ ଧାରୀ ଉପବାସ ରହି କଣ୍ଟା ଦୋଳିରେ ଝୁଲିବା ସହିତ ନିଆଁରେ ଚାଲି ଥିଲେ। ଯାହାକୁ ଦେଖିବା ପାଇଁ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ଶେଷରେ ମା'ଙ୍କ ବିସର୍ଜନ କରାଯାଇଥିଲା।

### ମା' ତାରିଣୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଜମ୍ବରା ଏକାଦଶକୁ ହରାଇ କପୁଣ୍ଡି କ୍ଲବ ବିଜୟୀ



**ଆନନ୍ଦପୁର,୧୦।୧(ସମିସ):** ସ୍ଥାନୀୟ ଖଡ଼ବିଲି ପଡ଼ିଆରେ ଚାଲିଥିବା ୧୪ତମ ମା' ତାରିଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ କପୁଣ୍ଡି ଓ ଜମ୍ବରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କପୁଣ୍ଡି ଦଳ ପ୍ରଥମେ ବ୍ୟାଟିଂ କରି ୮ ଓଭର, ୬ ୱିକେଟରେ ୮୫ ରନ୍ କରିଥିବା ବେଳେ ଜବାବରେ ଜମ୍ବରା କ୍ଲବ ୭.୫ ଓଭରରେ ୩୮ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଖେଳକୁ ଅମ୍ପେୟାର ସୂର୍ଯ୍ୟମଣୀ ଯେନା, ଚିନ୍ମୟ କୁମାର ଜେନା, ବିଚିତ୍ର ପେରେଇ, ସ୍କୋରର ଭାବେ ଶକ୍ତିରଞ୍ଜନ ପେରେଇ, ଓ ଧାରା ବୀବରଣୀରେ ସୁରେଶ କୁମାର ଜେନା ସହଯୋଗ କରିଥିଲେ। ପରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ କ୍ଲବର ସଭାପତି ସୁରେଶ କୁମାର ଜେନାଙ୍କ ଅଧକ୍ଷତାରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ସମ୍ମାନିତ ଅତିଥି ଭାବେ ଯଶୋବନ୍ତ ନାରାୟଣ ସିଂ ଲାଗୁରୀ ଯୋଗ ଦେଇଥିଲେ। ପରେ ଉଭୟ ଦଳର ବିଜେତା ଓ ଉପବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ବିଶେଷ ଅତିଥି ଭାବେ ଆନନ୍ଦପୁର ନଗର କଂଗ୍ରେସ ସଭାପତି ହାଡ଼ିବନ୍ଧୁ ଖୁଣ୍ଟିଆ, ଶ୍ରୀଧର ଦଳେଇ, ଦାମୋଦର ଜେନା, ଖଗେଶ୍ୱର ଜେନା, କଳାକାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ସିପୁନ ଯେନା, ସୁଦର୍ଶନ ଜେନା, ହାଡିବନ୍ଧୁ ଦଳେଇ, ଦିପୁ ଦଳେଇ, ନିରଞ୍ଜନ ଯେନା, ସୁକାନ୍ତ ଯେନା, ବାଙ୍କବିହାରୀ ଜେନା, ଅରବିନ୍ଦ ଜେନା, ପ୍ରତାପ ଜେନା, ସତ୍ୟବ୍ରତ ଦଳେଇ ପ୍ରମୁଖ ସହଯୋଗ କରିଥିଲେ।

## ଅବକାରୀ ଓ ପୁଲିସର ମିଳିତ ଚଢ଼ଉ

**ତେଲକୋଇ,୧୦।୧(ସମିସ):** ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଦୀପ୍ତ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଆଗାମୀ ମକର ପର୍ବକୁ ଲକ୍ଷ୍ୟ କରି ତେଲକୋଇ ଅବକାରୀ ବିଭାଗ ଓ ପୁଲିସର ଆଜି ବିମଳାରେ ମିଳିତ ଚଢ଼ଉ କରାଯାଇଛି। ଏହି ଚଢ଼ଉରେ ୯୦୦ କେଜି ମହୁଲ ପୋଚ ସହ ୬୦ଲିଟର ମହୁଲି ମଦ ନଷ୍ଟ କରାଯାଇଛି। ମଦ ପ୍ରସ୍ତୁତ ହେଉଥିବା ସାମଗ୍ରୀ ମଧ୍ୟ ଜବତ କରାଯାଇଛି। ଏହି ଚଢ଼ଉରେ ତେଲକୋଇ ଅବକାରୀ ବିଭାଗର ଅଧିକାରୀ ଜନାର୍ଦ୍ଦନ ପଲେଇ, ସୁଜାତା ମହାନ୍ତ ଓ ପ୍ରକାଶ ସୋରେଙ୍ଗ ସହ ତେଲକୋଇ ପୁଲିସ ସାମିଲ ରହିଥିଲେ।

## ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ତୁରୁମୁଙ୍ଗା,୧୦।୧(ସମିସ):** ପାଟଣା ବ୍ଲକ ତୁରୁମୁଙ୍ଗା ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅଧକ୍ଷ ଅଶ୍ୱତ୍ଥାମା ଗିରିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ସମ୍ପାଦକ ପ୍ରତାପ ଚନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ କବି ଓ ଲେଖକ ଡ. ଦେବାଶିଷ ଚକ୍ରବର୍ତ୍ତୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧାପକ ଯତୀନ୍ଦ୍ର କୁମାର ମିଶ୍ର ଯୋଗଦେଇ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧାପିକା ଅନ୍ନପୂର୍ଣ୍ଣା ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରାଧାପକ ବିରେନ କୁମାର ସାହୁ, ସ୍ଥାନୀୟ ସରପଞ୍ଚ ସୁଲେଖା ନାଏକ, ସମିତିସଭ୍ୟ ଅଂଶୁଲତା ସାହୁ, ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିର୍ମଳ ଚନ୍ଦ୍ର ସାହୁ, କୁଳମଣି ସାହୁ, ସନ୍ତୋଷ କୁମାର ସାହୁ ଉପସ୍ଥିତ ଥିଲେ। ପୂର୍ବତନ ପରିଚାଳନା ସମିତିର ସଦସ୍ୟ ଚୈତନ୍ୟ ଚରଣ ସାହୁ, ଇନ୍ଦ୍ରମଣି ପୃଷ୍ଟି, ବଳରାମ ସାହୁ, କିରାଣି କୁମାର ସେଠୀ, ଗୋପୀନାଥ ସାହୁ, ବୃନ୍ଦାବନ ସାହୁ ତଥା କର୍ମଚାରୀ ବରୁଣ କାରୁଆଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସର୍ବୋଚ୍ଚ ନମ୍ବର ରଖିଥିବା +୨ କଳା ଛାତ୍ରୀ ସତ୍ୟବତୀ ପାତ୍ର, ଅନୁପମା ମହାନ୍ତ, ଯଶୋମତି ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। +୨ ବିଜ୍ଞାନ ଛାତ୍ର ସ୍ୱର୍ଣ୍ଣ ପଟ୍ଟନାୟକ ଓ ରଜତ କୁମାର ମହନ୍ତ




ନିର୍ମଳ ଚନ୍ଦ୍ର ସାହୁଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଏଥି ସହ ଉଜ୍ଜ୍ୱଳ ସାହୁଙ୍କ ଦାନରେ ଇଂରାଜୀ, ଓଡ଼ିଆ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ ଓ ଉଦ୍ଭିଦ ତଥା ଜୀବ ବିଜ୍ଞାନରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କ୍ରୀଡ଼ାରେ ଚମ୍ପିଆନ ହୋଇଥିବା ପ୍ରଥମ ବର୍ଷ କଳା ଛାତ୍ର ମିଳନ ବେହେରା ଓ ଛାତ୍ରୀ ରାନି ନାଏକଙ୍କୁ ସ୍ୱର୍ଗତ ପାଟରାଣୀ ସାହୁ ଓ ସ୍ୱର୍ଗତ କୈଳାସ ଚନ୍ଦ୍ର ସାହୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧାପକ ପ୍ରଭଞ୍ଜନ ନାଏକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧାପିକା ସ୍ନିଗ୍ଧା ରାଣୀ ମଲ୍ଲିକଙ୍କ ନିର୍ଦ୍ଦେଶନାରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧାପିକା ଲିଜା ରାଣୀ ଦାସ, ଅପର୍ଣ୍ଣା ବେହେରା, ମାଧୁରୀ ସେନାପତ, ଅଧାପକ ସତ୍ୟପ୍ରକାଶ ମହାନ୍ତ, ସୁବ୍ରତ ମହାକୁଡ, ବିକାଶ କୁମାର ବେହେରା, ସୁଧାଂଶୁ ଶେଖର ସାହୁ, ରାଜେନ୍ଦ୍ର କୁମାର ମହାନ୍ତ, ହୃଦାନନ୍ଦ ମହାନ୍ତ, ପଦ୍ମଲୋଚନ ସାହୁ, ଜଗଦୀଶ ସାହୁ, ଭଗବାନ ମହାନ୍ତ, ମଦନ ମୋହନ ସାହୁ, ସପନ ହାସଦା, ତାପସ ନାଏକ, ପୁଷ୍ପଲତା ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

### ସର୍ବଭାରତୀୟ ଗୋଲ୍ଡେନ କପ୍ ଟି-୨୦

# ସେମିରେ ଖଡ଼ଗପୁର ରେଲୱେ ଓ ଏମ୍‌ଏମ୍‌ସିସି ସମ୍ବଲପୁର

**ରାମଚନ୍ଦ୍ରପୁର,୧୦।୧(ସମିସ)**



କେନ୍ଦୁଝର ଜିଲ୍ଲା ଅଳତି ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩୧ତମ ଗୋଲ୍ଡେନ କପ 'ଟି-୨୦' କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ଖଡ଼ଗପୁର ରେଲୱେ ଏବଂ ଏମ୍‌ଏମ୍‌ସିସି ସମ୍ବଲପୁର ଟିମ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଡ.ରତିକାନ୍ତ ବରାଳଙ୍କ ସଂଯୋଜନାରେ ଦ୍ୱିତୀୟ ଦିବସର ପ୍ରଥମ ମ୍ୟାଚ ଖଡ଼ଗପୁର ରେଲୱେ ବନାମ କରିମ୍ ସ୍ପୋର୍ଟସ ନାଗପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖଡ଼ଗପୁର ରେଲୱେ ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୨୦୬ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ କରିମ୍ ସ୍ପୋର୍ଟସ ନାଗପୁର ୨୦ ଓଭରରେ ୯ ୱିକେଟ ହରାଇ ମାତ୍ର ୧୭୬ ରନ୍ ସଂଗ୍ରହ କରିପାରିଥିଲା। ସେହିପରି ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଆଦର୍ଶ ବାଲେଶ୍ୱର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ୱିକେଟ ହରାଇ ୧୦୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଏମ୍‌ଏମସିସି ସମ୍ବଲପୁର ୭.୫ ଓଭରରେ ମାତ୍ର ୨ ୱିକେଟ ହରାଇ ୧୧୧ ରନ୍ କରି ମ୍ୟାଚ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଥିଲା। ଆଜିର ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ଖଡ଼ଗପୁର ରେଲୱେ ଟିମର ହର୍ସିତ୍ ସମୁନ୍ଦର୍ ଏବଂ ଏମଏମସିସି ସମ୍ବଲପୁର ଟିମ୍‌ର ଫଇଜଲ୍ ଆଲଭିଙ୍କୁ ପୁରସ୍କୃତ କରାଯାଇଥିଲା।

ଓସିଏ ଅନୁବନ୍ଧିତ ଅମ୍ପାଆର୍ ଲଳାଟକେଶରୀ ନନ୍ଦ ଏବଂ ସାର୍ଥକ ବିଶ୍ୱାଳ ମ୍ୟାଚ ପରିଚାଳନା କରିଥିବା ବେଳେ ସ୍କୋର ବୋର୍ଡରେ ସମୀରକୁମାର ସ୍ୱାଇଁ, ଧାରା ବିବରଣୀରେ ରସିଦ ଖାନ୍, ତପନକୁମାର ନାୟକ ରହିଥିଲେ। ମ୍ୟାଚ ଆୟୋଜନରେ ସ୍ପୋର୍ଟସ କ୍ଲବର ମ୍ୟାନେଜର ମନ୍ମଥକୁମାର ରାଉତ, କାର୍ଯ୍ୟନିର୍ବାହୀ ପ୍ରଶନ୍ନକୁମାର ନାୟକ ପ୍ରମୁଖ ସକ୍ରିୟ ସହଯୋଗ କରୁଛନ୍ତି।

## ହାତୀବନ୍ଧାରେ ଜାତୀୟ ପ୍ରାଣୀଧନ ମିଶନ ମେଳା



**ବେଲବାହାଳି,୧୦।୧(ସମିସ):** ଆନନ୍ଦପୁର ବ୍ଲକ ବାଇଲୋ ପଞ୍ଚାୟତ ଅନ୍ତର୍ଗତ ହାତୀବନ୍ଧା ଗ୍ରାମରେ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ ଜାତୀୟ ପ୍ରାଣୀଧନ ମିଶନ ମେଳା ହାତୀବନ୍ଧା ସ୍ଥିତ ଦୁଗ୍ଧ ସମିତି ନିକଟସ୍ଥ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ଫାଲଗୁନୀ ମାଝୀ, ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ବେହେରା, ଜିଲ୍ଲା ପଶୁ ଚିକିତ୍ସା ଅଧିକାରୀ ଡ.ଚନ୍ଦ୍ରଶେଖର ରାଉତ, ଶିଶୁ ସାହିତ୍ୟିକ ରାମଚନ୍ଦ୍ର ନାୟକ, ରଶ୍ମି ରଞ୍ଜନ ବଳ, ଭବାନୀ ପ୍ରସାଦ ମହାପାତ୍ର, ରାମଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଆଜିର କାର୍ଯ୍ୟକ୍ରମକୁ ପଶୁ ଚିକିତ୍ସା ନକୁଳ ଚରଣ ନାୟକ ସଭାପତିତ୍ୱ କରିଥିବା ବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର, ଘସିପୁରା, ହାଟଡିହି ଗୋଷ୍ଠୀ ସ୍ତରୀୟ ପ୍ରାଣୀ ସମ୍ପଦର ବିକାଶ ସମ୍ବନ୍ଧରେ ଆଲୋଚନା କରାଯିବା ସହିତ ପ୍ରାଣୀ ପାଳନ ସଫଳ କାହାଣୀ ସହ ବିଶେଷଜ୍ଞ ମାନେ ଉପଯୋଗୀ ପରାମର୍ଶ ପ୍ରଦାନ କରିଥିଲେ। ଆଜିର ଏହି ମେଳାରେ ଚାଷୀମାନେ ଆଣିଥିବା ଗୋମାତାଙ୍କୁ ନେଇ ଏକ ପ୍ରତିଯୋଗିତା କରାଯାଇ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଚାଷୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆନନ୍ଦପୁର ଉପଖଣ୍ଡର ପଶୁ ଚିକିତ୍ସା ଅଧିକାରୀ ଭାଗିରଥି ଓଝା, ଚିତ୍ତରଞ୍ଜନ ଦାସ, ସରୋଜ କୁମାର ମହାନ୍ତି, ରଶ୍ମି ରଞ୍ଜନ ନାୟକ, ସାଗରିକା, ସ୍ମରଣିକା, ଶିବ ପ୍ରସାଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ୪୭ ଜଣଙ୍କୁ ବରିଷ୍ଠ ନାଗରିକ ପରିଚୟପତ୍ର ବଣ୍ଟନ



ବଡ଼ସାହି, ୧୦ ।୧(ସମିସ): ବଡସାହି ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସଂଘର ସମସ୍ତ ପଦାଧିକାରୀ ଓ ସଦସ୍ୟ/ସଦସ୍ୟାଙ୍କୁ ଥାନା ଅଧିକାରୀ ଉମାଶଙ୍କର ନାୟକ ଆମନ୍ତ୍ରଣ ଜଣାଇ ୪୭ ଜଣଙ୍କୁ ବରିଷ୍ଠ ନାଗରିକ ପରିଚୟପତ୍ର ବଣ୍ଟନ କରିବା ସହିତ ଚା' ପାନରେ ଆପ୍ୟାୟିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବଡ଼ସାହି ଥାନାର ସବଇନିସପେକ୍ଟର ସତ୍ୟନାରାୟଣ କାଲ୍ଲ ଓ କନେଷ୍ଟବଳ ସନ୍ତୋଷ କୁମାର ମହାନ୍ତ ସହଯୋଗ କରିଥିଲେ । ସଂଘର ସଭାପତି ରଣଜିତ କୁମାର ଦାସ, ସମ୍ପାଦକ ସନ୍ତୋଷ କୁମାର ବେହେରା, କୋଷାଧକ୍ଷ ଯୋଗେଶ୍ୱର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ମୁଖପାତ୍ର ଶଚୀନ୍ଦ୍ର କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ।

### ମକର ହାଟରେ ନାହିଁ ନ ଥିବା ଭିଡ଼; ବଡ଼ସାହି ଚଳଚଞ୍ଚଳ

# ପୋଡ଼ପିଠା ବାସ୍ନାରେ ମହକିବ ଗାଁ ଦାଣ୍ଡ

ବଡସାହି, ୧୦।୧(ସମିସ): ଆଉ ୩ ଦିନ ପରେ ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ମକର । ସେଥିପାଇଁ ବଡସାହି ବ୍ଲକ୍ ଅଞ୍ଚଳ ଚଳଚଞ୍ଚଳ ହେବା ସହିତ ମକର ହାଟରେ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଛି । ମକର ପାଇଁ ବଡସାହି, ମାଣତ୍ରୀ, ଚାନ୍ଦଡିହା ପ୍ରତାପପୁର, ବୈଦ୍ୟପୁର, କୋଚିଲାଖୁଣ୍ଟା, ଦେଉଳିଆ, ଶାଳଗାଁ, ଆଡିଆସାହି ଓ ବେଲପାଳ ଆଦି ହାଟରେ ପ୍ରବଳ ଭିଡ ଦେଖିବାକୁ ମିଳିଛି । ଏହି ପର୍ବକୁ ଧୂମଧାମରେ ପାଳନ କରିବା ପାଇଁ ଗରିବଠାରୁ ଆରମ୍ଭ କରି ଧନୀ ପର୍ଯ୍ୟନ୍ତ ସମସ୍ତଙ୍କ ଘରେ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ । ଏହା ହେଉଛି ଚାଷୀଙ୍କ ଚାଷ କାର୍ଯ୍ୟର ଶେଷ ଦିନ । ଏହି ଦିନ ଗଉଁଣି ଓ କଠାକୁ ପୂଜା କରାଯାଇଥାଏ । ବର୍ଷ ଯାକର ପରିଶ୍ରମ ପରେ ଧାନ ଅମଳ କରି ସୁରକ୍ଷିତ ରଖିବା ପରେ ଚାଷୀ ଏହି ପର୍ବକୁ ସେମାନେ ଧୁମ୍‌ଧାମରେ ପାଳନ କରିଥାନ୍ତି । ବିଶେଷ କରି ଲୁଗା ଦୋକାନ, ଡେଜରାତି ଓ ଷ୍ଟେସନାରୀ ଦୋକାନରେ ଅଧିକ ଭିଡ଼ ଦେଖିବାକୁ ମିଳୁଛି । ସେହିପରି ମାଟିହାଣ୍ଡି, ଜୋତା, ବାସନକୁସୁନ ଓ ଗୁଡ କିଣିବା ପାଇଁ ମଧ୍ୟ ଲୋକେ ଧାଡ଼ିରେ ରହୁଛନ୍ତି । ମାଛ ଓ ମାଂସ



ପାଇଁ ବେପାରୀଙ୍କ ନିକଟରେ ପୂର୍ବରୁ ଲୋକେ ଲାଇନ ଲଗାଇ ଆବଶ୍ୟକ ଅନୁସାରେ ଚିଠା କରୁଛନ୍ତି । ଦେଶୀ ମାଛ କେଜି ୨୦୦ ଓ ଖାସୀ ମାଂସ କେଜି ୭୫୦ ଟଙ୍କା ଓ ଦେଶୀ କୁକୁଡା କେଜି ୭୦୦ ଟଙ୍କା ରହିଛି । ଏହି ପର୍ବକୁ ପାଳନ କରିବା ନିମନ୍ତେ ବନ୍ଧୁବାନ୍ଧବଙ୍କୁ ପ୍ରାୟ ପ୍ରତି ଘରେ ଆମନ୍ତ୍ରଣ କରାଯାଇଛି । ଏହି ପର୍ବ ସହିତ ଆଦିବାସୀ ସଂସ୍କୃତି ଓ ପରମ୍ପରାର ନିବିଡ ସମ୍ପର୍କ ରହିଛି । ଫଳରେ ସମସ୍ତେ ନୂଆ ବସ୍ତ୍ର ପରିଧାନ କରନ୍ତି । ଜିଲ୍ଲାର ବିଭିନ୍ନ ସ୍ଥାନରେ ମକରଠାରୁ ୮ ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଡାବଲ ତାମସା, ଡାଣ୍ଟା ନାଚ, ଯାତ୍ରା, ମେଳା, କୁକୁଡା ଲଢେଇ ଆଦି ବିଭିନ୍ନ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ଶେଷ ହେଲାଣି । ଲୋକଙ୍କ ଗହଳିକୁ ଦୃଷ୍ଟିରେ ରଖି ରାସ୍ତାଘାଟର ମରାମତି, ପାନୀୟ ଜଳ, ପାର୍କଂ, ମଦ ବିକ୍ରି ନିଷେଧ, ଦୋକାନୀଙ୍କ ପାଇଁ ସ୍ଥାନ ଚିହ୍ନଟ ଏବଂ ଶାନ୍ତି ଶୃଙ୍ଖଳାକୁ ଗୁରୁତ୍ୱ ଦିଆଯାଇଛି । ମକର ଦିନ ବଡିଭୋରୁ ସଂକୀର୍ତ୍ତନ ଦଳ ସହିତ ଲୋକେ ନଦୀକୁ ଯାଇ ମକର ବୁଡ ପକାଇବା ଏକ ପରମ୍ପରା ରହିଛି । ସଂକୀର୍ତ୍ତନ ସମୟରେ ଲୋକେ ମନ୍ଦିର ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୁଡ, କଦଳୀ, ତିଳଉ, କନ୍ଦମୂଳ, ଚିନିଆଳୁ, ଆଖୁ, କାକୁଡି ଓ ଦହିକୁ ନେଇ ପ୍ରସ୍ତୁତ ମକର ଭୋଗ ଦିଆଯାଇଥାଏ । ଏହି ଭୋଗ ସେଦିନ ପ୍ରତି ଘରେ ମଧ୍ୟ ପ୍ରସ୍ତୁତ କରାଯାଏ । ଏହାବାଦ ମଣ୍ଡା, ଆରିସା, କକରା, ଚକୁଳି ଓ ପୋଡପିଠା ବାସ୍ନାରେ ଗାଁଦାଣ୍ଡ ମହକି ଉଠେ । ଏହି ପର୍ବରେ ଯୁବତୀଙ୍କ ଟୁସୁ ପୂଜା ଓ ଆଦିବାସୀ ସାନ୍ତାଳ ସମ୍ପ୍ରଦାୟର ଦମୋଦର ଯାତ୍ରାକୁ (ପୂର୍ବ ପୁରୁଷଙ୍କ ଅସ୍ଥି ବିସର୍ଜନ) ଖୁବ ଧୂମଧାମରେ ପାଳନ କରାଯାଏ । ସେଥିପାଇଁ ଅସ୍ଥି ବିସର୍ଜନ କରାଯାଉଥିବା ଘାଟଗୁଡିକରେ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଏଥିପ୍ରତି ପୁଲିସ ଏବଂ ପ୍ରଶାସନ ଦୃଷ୍ଟି ରଖିଛି । ସନ୍ଧ୍ୟାରେ ପ୍ରତି ଗ୍ରାମରେ ଥିବା ମନ୍ଦିର କିମ୍ବା ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନିମନ୍ତେ ପ୍ରସ୍ତୁତି ଚାଲିଛି ।

### ରାଇକମା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

## ନିରନ୍ତର ଉଦ୍ୟମ ସଫଳତାର ଚାବିକାଠି



ବୈଶିଙ୍ଗା, ୧୦।୧ (ସମିସ): ବେତନଟୀ ବ୍ଲକ ରାଇକମା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ରାଇକମା ମାଟିର ସୁପୁତ୍ର, ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ସମବାୟ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର ସଭାପତି ଆସନ ଅଳଙ୍କୃତ କରିଥିଲେ । ମୁଖ୍ୟ ଅତିଥି ଭାବେ ବାରିପଦା ଉପଖଣ୍ଡର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀ, ମୁଖ୍ୟବକ୍ତା ଭାବେ ଶରତପାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ପରମେଶ୍ୱର ଦେ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମନମୋହନ ମହାପାତ୍ର, ବିଜୟ କୁମାର ଦାସ, ସାଧାରଣ ସମ୍ପାଦକ, ମୟୂରଭଞ୍ଜ ଜିଲ୍ଲା କ୍ରୀଡା ସଙ୍ଘ, ଉଦଳା ଅଞ୍ଚଳର ନିଆରା ନଡ଼ିଆ ସଢ଼େଇ ଶିଳ୍ପୀ ବିଜୟ କୁମାର କମିଲା, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଶରତ ଚନ୍ଦ୍ର ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ ।

ଏହି ଅବସରରେ ମୁଖ୍ୟ ଅତିଥି ୨୦୨୪ ଶିକ୍ଷାବର୍ଷରେ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସାଇକୃଷ୍ଣ ମିଶ୍ରଙ୍କୁ ରଘୁନାଥ ମିଶ୍ର ସ୍ମୃତି ସମ୍ମାନ, ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରଜ୍ଞାଶ୍ରୀ ବାରିକଙ୍କୁ ବିଷ୍ଣୁପ୍ରିୟା ସ୍ମୃତି ସମ୍ମାନରେ ସମ୍ମାନିତ କରିଥିଲେ । ଏଥିସହିତ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକ ୫୦୦ ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି ରାଇକମା ମାଟିର ମହକ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କୁ ମାନପତ୍ର ସହିତ ଉତ୍ତରୀୟ, ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ । ମଞ୍ଚାସୀନ ସମସ୍ତ ବରେଣ୍ୟ ଅତିଥି ତଥା ଏହି ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ପଣ୍ଡା, ବିଦାୟୀ ଶିକ୍ଷୟିତ୍ରୀ ରୂପା ମହାନ୍ତିଙ୍କୁ ଉତ୍ତରୀୟ, ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ପିଲାମାନଙ୍କ ପ୍ରଦର୍ଶନୀ, ନିଆରା ଶିଳ୍ପୀ ବିଜୟ କୁମାର କମିଲାଙ୍କ ନଡ଼ିଆ ସଢେଇରୁ ତିଆରି ଚନ୍ଦ୍ରଯାନ ତଥା ଅନେକ ଆଖି ଲାଖି ହୋଇଯାଉଥିବା ଭଳି ଜିନିଷ ପ୍ରଦର୍ଶନ ଅତିଥିଙ୍କ ମନମୋହିଥିଲା । ମୁଖ୍ୟ ଅତିଥି ମୌଳିକ ଭାଷାଜ୍ଞାନ ଓ ସଂଖ୍ୟା ଜ୍ଞାନ ଦକ୍ଷତା ଆଧାରରେ ନିର୍ମିତ ୩ଟି ଶ୍ରେଣୀ କୋଠରୀ ଉଦଘାଟନ କରିଥିଲେ । ପ୍ରଧାନ ଶିକ୍ଷକ ରଜତ କୁମାର ଦାଶ ମଞ୍ଚ ପରିଚାଳନା କରିଥିବା ବେଳେ ସରସ୍ୱତୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ନିମ୍ନମାନର ଧାନଖଳା ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

ରାଇରଙ୍ଗପୁର/ତିରିଂ, ୧୦ ।୧(ସମିସ): ନିମ୍ନମାନର ଧାନଖଳା ନିର୍ମାଣକୁ ନେଇ ଗ୍ରାମବାସୀ ବିରୋଧ କରିବା ସହିତ ବିଡିଓଙ୍କୁ ଏ ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସୂଚନା ଅନୁସାରେ, ତିରିଂ ବ୍ଲକ ସାନଭୁଣ୍ଡୁ ଗ୍ରାମ ପଞ୍ଚାୟତ ପୋଖରିଆ ଗ୍ରାମରେ ୨୦୧୯- ୨୦ ମସିହାରେ ୭ ଲକ୍ଷ ୩୨ ହଜାର ଟଙ୍କା ବ୍ୟୟ ଅଟକଳରେ ଏକ କଂକ୍ରିଟ ଧାନଖଳା ନିର୍ମାଣ ପାଇଁ ପ୍ରସ୍ତାବିତ ହୋଇଥିଲା । ଗତ ଡିସେମ୍ବର ମାସରେ ବିଭାଗ ପକ୍ଷରୁ ନିର୍ମାଣ ଆରମ୍ଭ ହୋଇଥିଲା । ନିର୍ମାଣ ଆରମ୍ଭ ପୂର୍ବରୁ ଗ୍ରାମସଭାର ଅନୁମତି ନିଆଯାଇନାହିଁ କି କାର୍ଯ୍ୟ ଆରମ୍ଭ ହେବା ପରେ ବି ସୂଚନା ଫଳକ ଲଗାଯାଇ ନ ଥିବା ଅଭିଯୋଗ ହୋଇଛି । ନିର୍ମାଣ ଅତି ନିମ୍ନମାନର ହେବା ସହିତ ବ୍ୟବହୃତ ଇଟାଗୁଡିକ ମଧ୍ୟ ନିମ୍ନମାନର ରହିଛି । ଏହା ବ୍ୟତୀତ ସିମେଣ୍ଟ ଓ ବାଲି ଅନୁପାତ ଅନୁସାରେ ବ୍ୟବହାର




କରାଯାଉ ନ ଥିବା ମଧ୍ୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି । କିଛି ଦିନ ପୂର୍ବରୁ ଖଳା ପାଇଁ ନିର୍ମାଣ ହୋଇଥିବା ପାଚେରୀ ମଧ୍ୟ ଭୁଶୁଡି ଯାଇଛି । ଏ ନେଇ ଗ୍ରାମବାସୀ ଏକ ଅଭିଯୋଗ ପତ୍ର ତିରିଂ ବିଡ଼ିଓଙ୍କୁ ପ୍ରଦାନ କରିଛନ୍ତି । ସୂଚନା ଯୋଗ୍ୟ ଯେ, ଗତ ପ୍ରାୟ ଦୁଇ ବର୍ଷ ପୂର୍ବରୁ ତିରିଂ ବ୍ଲକ ବଡଗୋବରା ଗାଁରେ ନିମ୍ନମାନର ଧାନଖଳା ନିର୍ମାଣ ବିରୋଧରେ ଗ୍ରାମବାସୀ ଅଭିଯୋଗ କରିଥିଲେ । ପରବର୍ତ୍ତୀ ସମୟରେ ବିଭାଗୀୟ ଅଧିକାରୀଙ୍କ ତଦନ୍ତ ପରେ ପ୍ରକଳ୍ପକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଥିଲା । ଏବେ ପୁଣି ଧାନ ଖଳା ନିର୍ମାଣ ହେଉଥିବାବେଳେ ତାହା ନିମ୍ନମାନର ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରାମବାସୀଙ୍କ ପକ୍ଷରୁ ଶାଙ୍ଖ ଚରଣ ମାଝୀ, ଫାଗୁ ସୋରେନ, ବସନ୍ତ ସୋରେନ, ମଦନ ମାର୍ଣ୍ଡି, ୱାର୍ଡସଭ୍ୟା କାପୁରା ସୋରେନ, ୱାର୍ଡ ସଭ୍ୟ ଜନକ ପାତ୍ର ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ ।

## ଦେଓପଟା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବିଶୋଇ, ୧୦।୧ (ସମିସ) : ବିଶୋଇ ଦେଓପଟା ସରକାରୀ ଏସ୍. ଏସ୍.ଡି ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ କୃପାସିନ୍ଧୁ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବିଶୋଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ହରେକୃଷ୍ଣ ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉତ୍ତମ ଚରିତ୍ର ଜଣେ ସାଧାରଣ ମଣିଷ କୁ ସଫଳ ମଣିଷରେ ରୂପାୟନ କରେ ବୋଲି ବକ୍ତବ୍ୟ



ରଖିଥିଲେ । ମୁଖ୍ୟବକ୍ତା ଭାବରେ ବାତୁଣିଆ ବାଳିକା ଉଚ୍ଚ ବିଦ୍ୟାଳୟ (ଏସ୍.ଏସ୍.ଡ଼ି)ର ପ୍ରଧାନଶିକ୍ଷକ ଚୈତନ୍ୟ କୁମାର ଗିରି ଯୋଗଦେଇ ଉତ୍ସବ ଓ କ୍ରୀଡା ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ କରିଥାଏ ବୋଲି ଅଭିଭାଷଣ ରଖିଥିଲେ । ସମ୍ମାନିତ ଅତିଥି ଭାବରେ ବିଶୋଇ ସରପଞ୍ଚ କରୁଣା ସାଗର ମାର୍ଣ୍ଡି, ପରିଚାଳନା କମିଟି ଅଧ୍ୟକ୍ଷ ସୋନିଆ ମୁଣ୍ଡା, ବରିଷ୍ଠ ଶିକ୍ଷୟିତ୍ରୀ ରାନୁକିଶୋରୀ ପରିଡ଼ା ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ପରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଗଣ ମାନପତ୍ର ଓ କପ ଦେଇ ପୁରସ୍କୃତ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟଗୀତ ପରିବେଷଣ ହୋଇଥିଲା । ଶିକ୍ଷକ ଦେବେନ୍ଦ୍ର ନାଏକ ସ୍ୱାଗତ ଭାଷଣ ଏବଂ ଶିକ୍ଷୟିତ୍ରୀ କାଦମ୍ବିନୀ ଗିରି ଓ ପ୍ରଜ୍ଞାପରମିତା ପଣ୍ଡା ପୁରସ୍କାର ବିତରଣ ଉତ୍ସବ ପରିଚାଳନା କରିଥିଲେ ।

## ସଂସ୍କୃତ କଲେଜରେ ବାଳିକା ଆତ୍ମସୁରକ୍ଷା ଶିବିର



ବାରିପଦା, ୧୦।୧(ସମିସ): ବାରିପଦା ସରକାରୀ ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଏହି ଶିବିରରେ ଅଧ୍ୟକ୍ଷା ଡ. ପଦ୍ମାଦେବୀଙ୍କ ପୌରୋହିତ୍ୟ କରିଥିବାବେଳେ ଭାରପ୍ରାପ୍ତ ଅଧିକାରୀ ଇତିହାସ ଅଧ୍ୟାପକ ଡଃ ଫଗୁ ଟୁଡୁ ସ୍ୱାଗତ ଭାଷଣ ଦେଇଥିଲେ । ପରେ ପ୍ରଶିକ୍ଷିକା ତୃପ୍ତିରେଖା ଜେନା, ଇଂରାଜୀ ବିଭାଗର ବରିଷ୍ଠ ଅଧ୍ୟାପକ ଚୌଧୁରୀ ଆଦିତ୍ୟ କୁମାର ଦାସ ପ୍ରମୁଖ ବାଳିକା ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଅଧ୍ୟାପିକା ଡଃ ପ୍ରିୟଙ୍କା ମହାନ୍ତ, ଅଧ୍ୟାପକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ଅଧ୍ୟାପକ ଦେବାଶିଷ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରବାସୀ ଭାରତୀୟ ଦିବସ ପାଳିତ

ଶୁଳିଆପଦା/ମୋରଡା, ୧୦ ।୧(ସମିସ): ଶୁଳିଆପଦା ବ୍ଲକ ଅନ୍ତର୍ଗତ ଚକଶୁଳିଆପଦା ଉତ୍କଳ ବନାନୀ ସ୍ନାତକ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଯାଇଛି । ଅଧ୍ୟକ୍ଷ ସଂଜୟ କୁମାର ସେନାପତି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ଅଧ୍ୟାପକ ଶରତ ଚନ୍ଦ୍ର ଧର ସଂଯୋଜନା କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନେ ଏକ ସାଇକଲ ଶୋଭାଯାତ୍ରାରେ ବାହାରି ଅଁଳାକୁଡା ବଜାର ପରିଭ୍ରମଣ କରିଥିଲେ । ପରେ ପ୍ରବନ୍ଧ, ବକ୍ତୃତା, କୁଇଜ୍ ପୋଷ୍ଟର, ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପରେ ମାଧୁରୀ ଲତା ପରିଡ଼ା, ପୂଜା ରାଣୀ ସି, ସୋନାଲି ବେହେରା, ପ୍ରିୟଙ୍କା ବେହେରା, ସୁମିତା ହାଁସଦା, ରୁପାଲୀ ମୁର୍ମୁ, ସଞ୍ଜୟ ଧର, ଯୋଶଦା ମଣ୍ଡଳ କୃତୀ ପ୍ରତିଯୋଗୀଙ୍କୁ



ପୁରସ୍କୃତ କରାଯାଇଥିଲା । ଅଧ୍ୟାପିକା ଜ୍ୟୋତିର୍ମୟୀ ପାତ୍ର, ସ୍ମୃତିପ୍ରଭା ମହାନ୍ତ, ନାରାୟଣୀ ନାଥ, ଅଧ୍ୟାପକ ହେମନ୍ତ ଧଳ ପ୍ରମୁଖ ସହଯୋଗ କରିଥିଲେ । ଅଧ୍ୟାପକ ହରମୋହନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜାତୀୟ ରାଜପଥ ଉପରେ ଗୃହ ନିର୍ମାଣ ସାମଗ୍ରୀ

ରାଇରଙ୍ଗପୁର, ୧୦ ।୧(ସମିସ): ରାଇରଙ୍ଗପୁର ପୌର ପରିଷଦ ଅଞ୍ଚଳ ମହୁଲଡିହା ନିକଟ ଜାତୀୟ ରାଜପଥ ଉପରେ ବେଆଇନଭାବେ ମାଟି ଓ ଗୃହ ନିର୍ମାଣ ସାମଗ୍ରୀ ଗଚ୍ଛିତ କରାଯାଉଛି । ଫଳରେ ରାସ୍ତା ସଂକୁଚିତ ହେବା ସହିତ ବିପଜ୍ଜନକ ଅବସ୍ଥାରେ ଯାନବାହନ ଚଳାଚଳ କରୁଛି । ସୂଚନା ଅନୁସାରେ, ମହୁଲଡିହା କେନ୍ଦ୍ରୀୟ ବିଦ୍ୟାଳୟ ସମ୍ମୁଖ ୨୨୦ନଂ. ଜାତୀୟ ରାଜପଥ ନିକଟରେ ଚାଲିଥିବା ଗୃହ ନିର୍ମାଣରୁ ବାହାରୁଥିବା ମାଟି ଏବଂ ସାମଗ୍ରୀଗୁଡିକୁ ବେଆଇଭାବେ ରଖାଯାଇଛି । ଯାହା ଫଳରେ ଜାତୀୟ ରାଜପଥ ସଙ୍କୁଚିତ ହେବା ସହିତ



ଦୁର୍ଘଟଣାର କାରଣ ପାଲଟିଛି । ଗୁରୁବାର ରାତିରେ ଜଣେ ବାଇକ ଆରୋହୀ ନିର୍ମାଣ ସାମଗ୍ରୀ ସହିତ ଧକ୍କା ହେବାରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ । ପରେ ସ୍ଥାନୀୟ ଲୋକେ ଉକ୍ତ ବ୍ୟକ୍ତିଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ତେଣୁ ପୌର ପ୍ରଶାସନ ଦ୍ୱାରା ଜାତୀୟ ରାଜପଥ ଉପରେ ରଖାଯାଇଥିବା ଗୃହ ନିର୍ମାଣ ସାମଗ୍ରୀ ଗୁଡିକୁ ହଟା କରାଇବା ପାଇଁ ସାଧାରଣରେ ଦାବି ହୋଇଛି ।

### ଅଞ୍ଚଳବାସୀଙ୍କ ଦାବି ପରେ ବି ଗୋବରଯୋଡ଼ା ନଦୀରେ ପୋଲ ନିର୍ମାଣ ହେଉନି

# ବର୍ଷାଦିନେ ଯୋଗାଯୋଗ ବିଚ୍ଛିନ୍ନ



ମହୁଲଡିହା, ୧୦।୧(ସମିସ): ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ କେଶଡିହା ଗ୍ରାମପଞ୍ଚାୟତର ପୁରୁଣାପାଣି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ଏକ ପୋଲ ନିର୍ମାଣ ନିମନ୍ତେ ଦୀର୍ଘବର୍ଷ ହେଲା ଦାବି ହେଉଥିଲେ ମଧ୍ୟ ଏକ ପୋଲ ନିର୍ମାଣ ହୋଇପାରୁନାହିଁ । ବ୍ଲକ କାର୍ଯ୍ୟାଳୟ ତଥା ମୁଖ୍ୟ ବଜାରକୁ ଯିବାପାଇଁ ମିଟୁଆଣିକୁ ସିଧାସଳଖ ସଂଯୋଗ କରୁଥିବା ଏହି ରାସ୍ତାରେ ଗୋବରଯୋଡ଼ା ନଦୀ ପ୍ରବାହିତ ହେଉଛି । ନଦୀ ଉପରେ ପୋଲ ନ ଥିବାରୁ ବର୍ଷାଦିନେ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେବା ସହିତ ୭/୮ ମାସ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଏ । ପୂର୍ବରୁ ଏହି ନଦୀରେ ନିର୍ମିତ ହୋମ ପାଇପ ପୋଲ ବର୍ଷାଜଳରେ ଧୋଇହୋଇଯାଇଛି । ଶୀତ ଦିନ ପରେ ବ୍ଲକ ପ୍ରଶାସନ କିମ୍ବା ଗ୍ରାମପଞ୍ଚାୟତ ମରାମତି କରୁ ନ ଥିବାରୁ ଗାଁ ଲୋକେ ପ୍ରତିବର୍ଷ ନିଜେ ଶ୍ରମଦାନ କରି ରାସ୍ତା ମରାମତି କରୁଛନ୍ତି । ଶିମିଳିପାଳ ଅଭୟାରଣ୍ୟରୁ ଉତ୍ପତ୍ତିଲାଭ କରିଥିବା ଗୋବରଯୋଡ଼ା ନଦୀ ବର୍ଷା ଦିନେ ଖୁବ ପ୍ରଖର ସ୍ରୋତ ହୋଇଥାଏ । ଫଳରେ ଲୋକେ ମରାମତି କରୁଥିବା ପଥର ଧୋଇ ହୋଇ ରାସ୍ତା ୭/୮ ମାସ ବିଚ୍ଛିନ୍ନ ହୋଇଯାଏ । ପୁରୁଣାପାଣି ଗ୍ରାମରୁ ଠାକୁରମୁଣ୍ଡା ଯିବାକୁ ପ୍ରାୟ ୪/୫ କିମି. ଦୂର ରାସ୍ତା ହ୍ରାସପାଇଥାଏ । ତେଣୁ ଏହି ରାସ୍ତାର ଗୁରୁତ୍ୱ ରହିଛି । ମୁଖ୍ୟ ରାସ୍ତାରେ ଗୋବରଯୋଡ଼ା ନଦୀରେ ପୋଲ ରହିଥିବାରୁ ଏଠାରେ ଏକ ପୋଲ ନିର୍ମାଣକୁ ବିଚାରକୁ ନିଆଯାଉନାହିଁ; ମାତ୍ର ରାସ୍ତାର ଗୁରୁତ୍ୱକୁ ଉପଲବ୍ଧି କରି ୨୦୧୬ ମସିହାରେ ତତ୍କାଳୀନ ବିଡ଼ିଓ ଦୁଃଖବନ୍ଧୁ ନାୟକ ଏକ ପୋଲ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ । ତତ୍କାଳୀନ ଜିଲ୍ଲାପାଳ ରାଜେଶ ପ୍ରଭାକର ପାଟିଲ ମଧ୍ୟ ପ୍ରସ୍ତାବକୁ ଗ୍ରହଣ କରିଥିଲେ; ମାତ୍ର ପରବର୍ତ୍ତୀ ଅବସ୍ଥାରେ ଉଭୟଙ୍କ ବଦଳି ହୋଇଯିବାପରେ ପ୍ରସ୍ତାବଟି ନାଳିଫିତା ତଳେ ରହିଯାଇଛି । ଉକ୍ତ ସ୍ଥାନରେ ପୋଲ ନିର୍ମାଣ ହେଲେ ହଜାର ହଜାର ଲୋକ ଉପକୃତ ହେବେ ଏବଂ ଭବିଷ୍ୟତରେ ମୁଖ୍ୟ ରାସ୍ତାରେ ଥିବା ପୋଲ କ୍ଷତିଗ୍ରସ୍ତ ହେଲେ ଏହା ଏକ ବିକଳ୍ପ ରାସ୍ତା ଭାବେ କାମରେ ଆସିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

## ବନାଗ୍ନି ନିବାରଣ ସଚେତନତା କାର୍ଯ୍ୟକ୍ରମ

ରାଇରଙ୍ଗପୁର/ଉପରବେଡା, ୧୦ ।୧ (ସମିସ): ବାଦାମପାହାଡ଼ ବନାଞ୍ଚଳ ଖେଜୁରିପଦା ଓ ଦୁବୁଲାବେଡା ଗ୍ରାମରେ ଗୁରୁବାର ପୂର୍ବାହ୍ନରେ ବନାଗ୍ନି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ଶିବପ୍ରସାଦ ରଥଙ୍କ ନିର୍ଦ୍ଦେଶକ୍ରମେ ବାଦାମପାହାଡ଼ ବନାଞ୍ଚଳର ଗାଁ ଗାଁରେ ଏହି କାର୍ଯ୍ୟକ୍ରମ କରାଯାଉଛି । ସଭାରେ ବନାଞ୍ଚଳ ଅଧିକାରୀ ଅଜିତ କୁମାର ମହାନ୍ତି ଜଙ୍ଗଲକୁ ସୁରକ୍ଷା ଓ ବନାଗ୍ନୀ ନିବାରଣ ପାଇଁ ଗ୍ରାମବାସୀଙ୍କୁ ଆହ୍ୱାନ କରିଥିଲେ । ସଂଯୋଜକ ଅଭିଷେକ ପରୀକ୍ଷା ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ସହିତ ଜୀବଜନ୍ତୁଙ୍କୁ ସୁରକ୍ଷା ଦେବା ନିମନ୍ତେ ଗ୍ରାମବାସୀଙ୍କୁ ବୁଝାଇଥିଲେ । ବନପାଳ ମାନସରଞ୍ଜନ ମହାକୁଡ଼, ବନସହାୟକ କର୍ମୀ ରମାକାନ୍ତ ବେହେରା, ଦୀନକୃଷ୍ଣ ମହାନ୍ତ, ମେଘ୍ରାୟ ନାଏକ, ୱାର୍ଡ ମେମ୍ବର ଶ୍ୟାମ ନାଏକ, ଡେବିଡ କୁମାର ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ ।

## ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ରାଇରଙ୍ଗପୁର, ୧୦ ।୧(ସମିସ): ବହଳଦା ବ୍ଲକ ଅଁଳାଯୋଡି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବୁଧବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବହଳଦା ବିଇଓ ଶୁଭଶ୍ରୀ ସିଂ, ସମ୍ମାନିତ ଅତିଥି ଭାବରେ ବହଳଦା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମନୋରଞ୍ଜନ ଗିରି, ଏସଏମସି କମିଟି ସଭାପତି ସିକନ୍ଦର ମହାନ୍ତ ଏବଂ ମୁଖ୍ୟ ବକ୍ତା ଭାବରେ ସାହିତ୍ୟିକ ଲଳିତ କୁମାର ମହାନ୍ତ ଯୋଗଦେଇଥିଲେ । ପ୍ରଧାନ ଶିକ୍ଷକ ଗୌର କିଶୋର ସାହୁ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମରେ ରତ୍ନାକର ମହାନ୍ତ, ବୈଦ୍ୟନାଥ ମହାନ୍ତ, ଧନେଶ୍ୱର ମହାନ୍ତ, ହିମାଂଶୁ ଶେଖର ମିଶ୍ର, ପ୍ରବୀର କୁମାର ଘୋଷ, ତିଳତ୍ତମା ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସିକନ୍ଦର ମହାନ୍ତ ଧନ୍ୟବାଦ ଦେଇଥିଲେ ।

